

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୫ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 August 2026
Vol.No. 36 ■ No.223 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଅଗଷ୍ଟ ୩୦ରେ ନିଟ୍-ପିଜି ପରୀକ୍ଷା: ଆଜି ମିଳିବ ଆଡ୍‌ମିଟ୍ କାର୍ଡ




ନୂଆଦିଲ୍ଲୀ,୨୪/୮ : ନ୍ୟାସନାଲ ବୋର୍ଡ ଅଫ୍ ଏଗ୍‌ଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ନିଟ୍-ପିଜି ୨୦୨୬ର ଆଡ୍‌ମିଟ୍ କାର୍ଡ ପ୍ରକାଶ ତାରିଖରେ ପରିବର୍ତ୍ତନ କରିଛି। ନୂଆ ସୂଚନା ଅନୁସାରେ, ଆଡ୍‌ମିଟ୍ କାର୍ଡ ଆସନ୍ତାକାଲି ଜାରି ହେବ। ଏହା ପୂର୍ବରୁ ଅଗଷ୍ଟ ୨୪ରେ ଆଡ୍‌ମିଟ୍ କାର୍ଡ ଜାରି ହେବାକୁ ଥିଲା। ଆସାମ ଓ ମେଘାଳୟ ସମ୍ପର୍କିତ କିଛି ଅନିବାର୍ଯ୍ୟ ପରିସ୍ଥିତି ଏବଂ ଅନୁରୋଧକୁ ଦୃଷ୍ଟିରେ ରଖି ତାରିଖରେ ଏହି ପରିବର୍ତ୍ତନ କରାଯାଇଥିବା ଏନ୍‌ବିଇଏମ୍‌ଏସ୍ କହିଛି। ଆଡ୍‌ମିଟ୍ କାର୍ଡ ଜାରି ହେବା ପରେ ପରୀକ୍ଷାର୍ଥୀମାନେ ଏନ୍‌ବିଇଏମ୍‌ଏସ୍‌ର ଅଧିକୃତ ୱେବସାଇଟ୍‌ରେ ନିଜ ଲଗଇନ୍ ଆଇଡି ବ୍ୟବହାର କରି ଏହା ଡାଉନଲୋଡ୍ କରିପାରିବେ। ପରୀକ୍ଷା ସହର ସମ୍ପର୍କିତ ସୂଚନା ଅଗଷ୍ଟ ୧୧ରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ନିଟ୍-ପିଜି ୨୦୨୬ ପରୀକ୍ଷା ଆସନ୍ତା ଅଗଷ୍ଟ ୩୦ ତାରିଖ ରବିବାର ଦିନ ଗୋଟିଏ ସିଫ୍ଟରେ ଅନୁଷ୍ଠିତହେବ। ପରୀକ୍ଷା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପରୀକ୍ଷାର ପ୍ରଶ୍ନପତ୍ର ପ୍ୟାଟର୍ନରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ୨୦୦ଟି ପ୍ରଶ୍ନ ଥିବାବେଳେ ଏଥର ୨୧୦ ମିନିଟ୍‌ରେ ୧୮୦ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ଏହା ଫଳରେ ପ୍ରତି ପ୍ରଶ୍ନ ପାଇଁ ପରୀକ୍ଷାର୍ଥୀଙ୍କୁ ତୁଳନାତ୍ମକ ଭାବେ ଅଧିକ ସମୟ ମିଳିବ। ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ପରୀକ୍ଷା ସମ୍ପର୍କିତ ସଦ୍ୟତମ ସୂଚନା ପାଇଁ ଅଧିକୃତ ୱେବ୍‌ସାଇଟ୍ ଅନୁସରଣ କରିବାକୁ ପରୀକ୍ଷାର୍ଥୀଙ୍କୁ କୁହାଯାଇଛି।

## ପୁରୀରେ ଜଘନ୍ୟ ହତ୍ୟାକାଣ୍ଡ: ମାଆକୁ ମାରି ପ୍ଲାଷ୍ଟର କରିଦେଲା ପୁଅ




ପୁରୀ, ୨୪/୮ (ନି.ପ୍ର): ପୁରୀ କୁମ୍ଭାରପଡ଼ା ଅଞ୍ଚଳରେ ଚାଞ୍ଚଲ୍ୟ। ମାଆଙ୍କୁ ହତ୍ୟା କରି ଘର ଭିତରେ ମୃତଦେହ ଲୁଚାଇ ଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି । ରୋଷେଇ ଘରର ସ୍ଲାବ ତଳେ ମୃତଦେହ ପୋତି ତା' ଉପରେ ପ୍ଲାଷ୍ଟର କରାଯାଇଥିବା ଘର ମାଲିକ ସନ୍ଦେହ କରିବା ପରେ ସତ୍ୟାସତ୍ୟ ସାମ୍ନାକୁ କରିଛି । ଘର ମାଲିକ ମନୋରମା ସାହୁଙ୍କ ସୂଚନା ଅନୁସାରେ, ପ୍ରାୟ ଦୁଇ ମାସ ତଳେ ଜଣେ ମାଆ ଓ ତାଙ୍କ ପୁଅ ଘର ଭଡ଼ା ନେଇ ରହୁଥିଲେ । ତେବେ ଗତକାଲିଠାରୁ ପୁଅ ଫେରାର ଥିବାବେଳେ ମାଆଙ୍କର କୌଣସି ପତ୍ତା ମିଳିନଥିଲା । ଏହାରି ଭିତରେ ରୋଷେଇ ଘରୁ ପ୍ରବଳ ଦୁର୍ଗନ୍ଧ ଆସିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା । ରୋଷେଇ ଘରର ସ୍ଲାବ ତଳେ କିଛି ଲୁଚାଇ ତା' ଉପରେ ପ୍ଲାଷ୍ଟର କରାଯାଇଥିବା ନେଇ ସନ୍ଦେହ କରି ଘର ମାଲିକ ପୁଲିସକୁ ଖବର ଦେଇଥିଲେ ଘଟଣାସ୍ଥଳରେ ପାଣି ଓ ବର୍ଜ୍ୟ ପଦାର୍ଥ ବାହାରୁଥିବା ସହ ଦୁର୍ଗନ୍ଧ ଆସୁଥିବା ଜଣାପଡ଼ିଛି । ତେବେ ସେଠାରେ ମୃତଦେହ ରହିଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାକୁ ନେଇ କୁମ୍ଭାରପଡ଼ା ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି । ମାଆଙ୍କୁ ହତ୍ୟା କରାଯାଇଛି କି, ମୃତଦେହକୁ ଘର ଭିତରେ ଲୁଚାଇ ରଖାଯାଇଛି କି ଏବଂ ଏହା ପଛରେ କାହାର ହାତ ରହିଛି—ସେ ସବୁ ଦିଗରୁ ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ରୋଷେଇ ଘରର ସ୍ଲାବ ତଳେ ପ୍ରକୃତରେ କ'ଣ ରହିଛି ? ମାଆ କେଉଁଠି ଗଲେ ଏବଂ ପୁଅ କାହିଁକି ଫେରାର ? ଏବେ ତଦନ୍ତରେ ଏହାର ଉତ୍ତର ଖୋଜୁଛି ପୁଲିସ ।

## କଂଗ୍ରେସରୁ ୩ ନେତା ନିଲମ୍ବିତ

ଭୁବନେଶ୍ୱର, ୨୪/୮ (ନି.ପ୍ର): ଦଳ ବିରୋଧୀ ମତ ଏବଂ ବିଶୃଙ୍ଖଳା ଆଚରଣ ପାଇଁ ୩ ଜଣଙ୍କୁ ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ନିଷ୍ପତି ଅନୁଯାୟୀ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ପରଜଙ୍ଗ ବ୍ଲକ, ଢେଙ୍କାନାଳଭୁତପୂର୍ବ ସଭାପତି ନଗେନ ବିନାୟକ, ବରୀ ବ୍ଲକ, ଯାଜପୁରର କଳ୍ପନା ପଣ୍ଡା ଏବଂ ସମୀର କୁମାର ନାୟକ। ସେମାନଙ୍କ ବିରୋଧରେ ବିଭିନ୍ନ ସମୟରେ ଦଳ ବିରୋଧି ମତାମତ ସାମାଜିକ ଗଣମାଧମରେ ପ୍ରକାଶ କରିବା ସହିତ ଯାଜପୁର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟିରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ରହିଥିଲା। ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧକ୍ଷ ସୁଜୀତ୍ କୁମାର ପାଢ଼ୀ ଏହି ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିରରେ ୨୮ରେ ରକ୍ଷାବନ୍ଧନ ନୀତି: ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହେଉଛି ବିଶାଳ ପାଟରାଖି



ପୁରୀ, ୨୪/୮ (ନି.ପ୍ର): ଆସନ୍ତା ୨୮ ତାରିଖରେ ଶ୍ରୀମନ୍ଦିରରେ ପାଳିତ ହେବ ଗହ୍ମା ପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମ ନୀତି । ଏଥିପାଇଁ ଶ୍ରୀଜିଉଙ୍କ ପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ପାଟରାଖି। ଶ୍ରୀମନ୍ଦିରର ପାଟରା ବିଶୋୟୀ ସେବାୟତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ରଙ୍କ ପାଇଁ ୪ଟି ରାଖି ସହ ୪ଟି ଗୁଆମାଳ ପ୍ରସ୍ତୁତ କରୁଛନ୍ତି । ବାସୁଙ୍ଗା ପାଟରେ ଏହି ସ୍ୱତନ୍ତ୍ର ରାଖି ପ୍ରସ୍ତୁତ ହେଉଛି । ଶ୍ରୀଜଗନ୍ନାଥଙ୍କ ପାଇଁ ହଳଦିଆ ଓ ନାଲି ରଙ୍ଗର ରାଖି ଏବଂ ବଳଭଦ୍ରଙ୍କ ପାଇଁ ନୀଳ ଓ ବାଇଗଣୀ ରଙ୍ଗର ରାଖି ପ୍ରସ୍ତୁତ କରାଯାଉଛି । ପ୍ରତ୍ୟେକ ଗୁଆମାଳରେ ୫୪ଟି ଲେଖାଏଁ ଗୁଆ ରହିବ । ପରମ୍ପରା ଅନୁଯାୟୀ, ଗହ୍ମା ପୂର୍ଣ୍ଣିମା ଅବସରରେ ଭଉଣୀ ସୁଭଦ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ରଙ୍କୁ ରାଖି ବାନ୍ଧିଥାନ୍ତି । ଏହି ପରମ୍ପରାକୁ ନେଇ ଶ୍ରୀମନ୍ଦିରରେ ପ୍ରସ୍ତୁତି ଜୋରଦାର ହୋଇଛି । ରକ୍ଷାବନ୍ଧନ ତିଥିକୁ ନେଇ ରହିଥିବା ଦ୍ୱନ୍ଦ୍ୱ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ୨୮ ତାରିଖରେ ନୀତି ପାଳନ ହେବ ବୋଲି ସ୍ପଷ୍ଟ କରିଛି । ୨୮ ତାରିଖ ସୂର୍ଯ୍ୟୋଦୟ ସମୟରେ ପୂର୍ଣ୍ଣିମା ତିଥି ରହୁଥିବାରୁ ଶ୍ରୀମନ୍ଦିରରେ ସେହିଦିନ ପର୍ବ ପାଳନ କରାଯିବ । ଅନ୍ୟପଟେ, ୨୭ ତାରିଖରେ ଦିନତମାମ ପୂର୍ଣ୍ଣିମା ତିଥି ରହୁଥିବାରୁ ସାଧାରଣ ଲୋକେ ସେହିଦିନ ରାଖି ବାନ୍ଧି ରକ୍ଷାବନ୍ଧନ ପାଳନ କରିପାରିବେ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ କୁହାଯାଇଛି । ତେବେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ଗହ୍ମା ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ ନୀତି ୨୮ ତାରିଖରେ ହିଁ ପାଳନ ହେବ ।

## ମହଙ୍ଗା ମାଡ଼ରେ ଖାଉଟି: ଚିନି ପରେ ପିଆଜ ଦରରେ ନିଆଁ; ବିଗୁଡ଼ୁଛି ରୋଷେଇ ଘରର ବଜେଟ୍



ଭୁବନେଶ୍ୱର, ୨୪/୮ (ନି.ପ୍ର): ପାର୍ବଣ ପୂର୍ବରୁ ଲଗାତାର ବଢୁଛି ଖାଦ୍ୟ ସାମଗ୍ରୀର ଦର । ଚିନି ଦର ବୃଦ୍ଧିରେ ରୋଷେଇ ଘରର ବଜେଟ୍ ବିଗିଡ଼ିଥିବା ବେଳେ ଏବେ ପିଆଜ ଦର ବି ଖାଉଟିଙ୍କ ଆଖିରେ ଲୁହ ଆଣିଛି । କେବଳ ଚିନି ଓ ପିଆଜ ନୁହେଁ, ବେସନ, ଅଟା, ଡାଲି, ଚାଉଳ ଓ ଖାଇବା ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିବାରେ ଲାଗିଛି । ଫଳରେ ମଧ୍ୟବିତ୍ତ ପରିବାରଠାରୁ ଆରମ୍ଭ କରି ଖଟିଖିଆ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମହଙ୍ଗା ମାଡ଼ରେ ଚିନ୍ତାରେ ପଡ଼ିଛନ୍ତି । କିରାନା ଦୋକାନକୁ ଗଲେ ଖାଉଟିଙ୍କୁ ଏବେ ଦର ଦେଖି କିଣାକିଣି କରିବାକୁ ପଡୁଛି । ବ୍ୟବସାୟୀଙ୍କ କହିବା ଅନୁସାରେ, ଦୁଇ ଦିନ ବ୍ୟବଧାନରେ ଅନେକ ଖାଦ୍ୟ ସାମଗ୍ରୀର ଦରରେ ବଡ଼ ପରିବର୍ତ୍ତନ ହେଉଛି । ଦର ବଢ଼ିବା ଯୋଗୁଁ ବ୍ୟବସାୟୀମାନେ ମଧ୍ୟ ଅସୁବିଧାରେ ପଡୁଛନ୍ତି । ଓଡ଼ିଶାରେ ବର୍ଷକୁ ପ୍ରାୟ ୬ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ରହିଛି । ହେଲେ ରାଜ୍ୟର ଉତ୍ପାଦନ ଆବଶ୍ୟକତା ତୁଳନାରେ ଅତି ନଗଣ୍ୟ। ତେଣୁ ପିଆଜ ପାଇଁ ଓଡ଼ିଶାକୁ ନାସିକ ଓ ଇନ୍ଦୋର ଭଳି ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ବଜାରରେ ପିଆଜ ଯୋଗାଣ କମିବା ଯୋଗୁଁ ଦର ବଢ଼ିଥିବା କହିଛନ୍ତି ବ୍ୟବସାୟୀ । ସେପଟେ ବନ୍ୟା ଯୋଗୁଁ ନାସିକ ଅଞ୍ଚଳରେ ପିଆଜ ଫସଲ ପ୍ରଭାବିତ ହୋଇଥିବାରୁ ଆଗକୁ ଯୋଗାଣ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ । ନୂଆ ଫସଲ ବଜାରକୁ ନଆସିବା ପର୍ଯ୍ୟନ୍ତ, ଅର୍ଥାତ୍ ଦୀପାବଳି ପୂର୍ବରୁ ପିଆଜ ଦରରେ ବଡ଼ ହ୍ରାସ ହେବ ନାହିଁ ବୋଲି ବ୍ୟବସାୟୀମାନେ ଆଶଙ୍କା କରୁଛନ୍ତି । ପାର୍ବଣ ଋତୁରେ ଚାହିଦା ବଢୁଥିବା ବେଳେ ଖାଦ୍ୟ ସାମଗ୍ରୀର ଏଭଳି ଦରବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି । ମହଙ୍ଗା ମାଡ଼ରୁ କେବେ ମିଳିବ ଆଶ୍ୱସ୍ତି, ଏବେ ତାହାକୁ ଅପେକ୍ଷା କରିଛନ୍ତି ସାଧାରଣ ଲୋକ ।

## ଲୋକଙ୍କ ସରକାର, ଲୋକଙ୍କ ସମସ୍ୟାର ସମାଧାନ: ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ବାର୍ତ୍ତା



ଭୁବନେଶ୍ୱର, ୨୪/୮ (ନି.ପ୍ର): ଲୋକଙ୍କ ସମସ୍ୟା ଶୁଣିବା ଓ ତାହାର ସମାଧାନ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ସହାନୁଭୂତି, ସମବେଦନା ଓ ସହୃଦୟତା ଆମ ଶାସନ ବ୍ୟବସ୍ଥାର ମୂଳନୀତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆଜି ଅନୁଷ୍ଠିତ ହୋଇଛି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ସକାଳେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିଥିଲେ । ତାଙ୍କ ସହ ମନ୍ତ୍ରିମଣ୍ଡଳର ୧୦ ଜଣ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ◆◆ପୃଷ୍ଠା ୭

## ଅମରାବତୀ ହସ୍ପିଟାଲର ଏନଆଇସିୟୁରେ ଅଗ୍ନିକାଣ୍ଡ: ୩ ଶିଶୁଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୪/୮ :ସୋମବାର ସକାଳେ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ମହିଳା ଡାକ୍ତରଖାନାର ନିଓନାଟାଲ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଏନଆଇସିୟୁ) ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ତିନି ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ସମୟରେ ପ୍ରାୟ ୩୯ ଜଣ ନବଜାତ ଶିଶୁ ଏନଆଇସିୟୁରେ ଚିକିତ୍ସିତ ହେଉଥିଲେ। ଛଅ ଜଣ ପିଲାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏକ ସୁପର ସ୍ପେଶାଲିଟି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଡାକ୍ତରଖାନାର ତୃତୀୟ ମହଲାରେ ଭୋର ପ୍ରାୟ ୩ଟା ୩୦ ମିନିଟରେ ନିଆଁ ଲାଗିଯାଇଥିଲା। ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି ଯେ ୩୯ ଜଣ ନବଜାତ ଶିଶୁଙ୍କୁ ଅମରାବତୀ ଜିଲ୍ଲା ମହିଳା ଡାକ୍ତରଖାନାର ସ୍ୱତନ୍ତ୍ର ନବଜାତ କେୟାର ୟୁନିଟ୍ (ଏସ୍. ଏନ୍. ସି. ୟୁ.) ରେ ଭର୍ତ୍ତି କରାଯାଇଥିଲା। କେତେକ ଶିଶୁ କିଛି ଘଣ୍ଟା ପୂର୍ବରୁ ଜନ୍ମ ହୋଇଥିବାବେଳେ ଅନ୍ୟମାନେ ଗୋଟିଏ କିମ୍ବା ଦୁଇ ଦିନ ପୂର୍ବରୁ ଜନ୍ମ ହୋଇଥିଲେ। ତାଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଏନଆଇସିରେ ରଖାଯାଇଥିଲା।

## ଆନ୍ଦୋଳନକାରୀ ଅଟୋ ଡ୍ରାଇଭରଙ୍କ ବଢ଼ିଲା ଅଡୁଆ: ଆରସି ବାତିଲ୍ ସହ ପରମିଟ୍ ଉପରେ ବି ଆକ୍ସନ୍

ଭୁବନେଶ୍ୱର, ୨୪/୮ (ନି.ପ୍ର): ଅଟୋ ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ପରିବହନ ବିଭାଗର କଡ଼ା ଆଭିମୁଖ୍ୟ । ଆନ୍ଦୋଳନରେ ସାମିଲ ଥିବା ଏବଂ ନିୟମ ଉଲ୍ଲଂଘନ କରିଥିବା ଗାଡ଼ି ମାଲିକଙ୍କ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ । ଦୀର୍ଘ ଦିନ ଧରି ଫିଟନେସ୍ ନଥିବା ଏବଂ ବହୁଦିନ ଧରି ଚାଲାଣ ପେଣ୍ଡିଂ ଥିବା ଗାଡ଼ିର ଆରସି ବାତିଲ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି ଯେଉଁ ଅଟୋଗୁଡ଼ିକର ବୈଧ ପରମିଟ୍ ଥିବା ସତ୍ତ୍ୱେ ଆନ୍ଦୋଳନରେ ସାମିଲ ହୋଇଥିଲେ, ସେମାନଙ୍କ ପରମିଟ୍ ବାତିଲ କରାଯାଇପାରେ। ମାଷ୍ଟରକାଣ୍ଟିନ୍ ଅନଲାଇନ୍ ଡ୍ରାଇଭର ସଂଘର ହିଂସାତ୍ମକ ଆନ୍ଦୋଳନକୁ ନେଇ ବିଭାଗ ପକ୍ଷରୁ ଏଭଳି କଠୋର ପଦକ୍ଷେପ ନିଆଯାଉଛି । ଆନ୍ଦୋଳନ ସମୟରେ ପ୍ରାୟ ୩୮୦ଟି ଗାଡ଼ିକୁ ନୋଟିସ୍ କରାଯାଇଥିଲା । ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ସୋ' କଜ୍ ନୋଟିସ୍ ଜାରି କରି ଏହାର ଉତ୍ତର ୩ ଦିନ ମଧ୍ୟରେ ଦେବାକୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୨୫ରୁ ୩୦ ଜଣଙ୍କ ଉତ୍ତର ପରିବହନ ବିଭାଗର ହସ୍ତଗତ ହୋଇଥିବା ବେଳେ ଆରଟିଓ ପକ୍ଷରୁ ଏହାର ତର୍ଜମା କରାଯାଉଛି । ତର୍ଜମା ପରେ ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସୋ' କଜ୍ ନୋଟିସ୍‌ର ଉତ୍ତରରେ କିଛି ଅଟୋ ଚାଳକ ସେମାନେ ଘଟଣାସ୍ଥଳରେ ଉପସ୍ଥିତ ନଥିବା ଦାବି କରିଥିବା ବେଳେ ଆଉ କିଛି ଚାଳକ ସଂଘର ଡାକରାରେ ଆନ୍ଦୋଳନରେ ଯୋଗ ଦେଇଥିବା କହିଛନ୍ତି । ◆◆ପୃଷ୍ଠା ୭

## ଲଘୁଚାପ ପ୍ରଭାବରେ ୯ ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ

ଭୁବନେଶ୍ୱର, ୨୪/୮ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟର ୯ଟି ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ସାଳନ୍ଦୀ ନଦୀରେ ଜଳ ସ୍ତର ବଢିଛି। ତେବେ ସନ୍ଧ୍ୟା ସୁଦ୍ଧା ଜଳସ୍ତର କମିବ। ବୈତରଣୀ ବେଶୀ କ୍ଷତି କରିଛି। ବୈତରଣୀ ଯୋଗୁଁ ବରୀ, ଆଳି ଓ ବିଞ୍ଝାରପୁର ଅଂଚଳ ଜଳବନ୍ଦୀ ରହିଛି। ସେହିପରି ବ୍ରାହ୍ମଣୀ ସତର୍କ ସଂକେତ ସ୍ତରରେ ପ୍ରବାହିତ ହେଉଛି। ରେଙ୍ଗାଲିରୁ ନିୟନ୍ତ୍ରଣ କରାଯାଉଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ସତର୍କ ସଂକେତ ତଳେ ଜଳ ପ୍ରବାହିତ ହେଉଛି। ବର୍ଷା ଦୁଇ ତିନି ଦିନ ଛାଡ଼ିଲେ ତଳ ମୁଣ୍ଡରେ ଜଳ ଖସିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

## ଜେନ୍ ଜିଙ୍କୁ ଧୋକା ଦେଇଛନ୍ତି ସରକାର: ସେପ୍ଟେମ୍ବର ୫ରେ ଆନ୍ଦୋଳନର ଡାକରା ଦେଲା ସିଜେପି



ନୂଆଦିଲ୍ଲୀ,୨୪/୮ : ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରି ଦେଶରେ ନୂଆ ସମ୍ଭାବନା ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପି ଆଜି ବଡ଼ ଘୋଷଣା କରିଛି। ଦେଶର ଜେନ୍ ଜିଙ୍କୁ କେନ୍ଦ୍ର ସରକାର ଧୋକା ଦେଇଥିବା ଅଭିଯୋଗ କରିଛି ସିଜେପି। ଏଥିପାଇଁ ଦେଶର ଯୁବଗୋଷ୍ଠୀ ସିଜେପି ନେତୃତ୍ୱରେ ପୁଣି ବିକ୍ଷୋଭ ଶୋଭାଯାତ୍ରା କରିବେ। ଆସନ୍ତା ସେପଟ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଶତାଧିକ ଯୁବକ ଶୋଭାଯାତ୍ରା କରି ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଅଭିମୁଖେ ଯିବେ ବୋଲି ଆଜି ସିଜେପି ଘୋଷଣା କରିଛି। ସିଜେପି ମୁଖପାତ୍ର ସୌରଭ ଦାସ ଏକ୍ସରେ ପ୍ରସ୍ତାବିତ ଶୋଭାଯାତ୍ରା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ଓ ସେମାନେ ଜେନ ଜି, ଯୁବ ବିକ୍ଷୋଭକାରୀ ଓ ପ୍ରାଣ ହରାଇଥିବା ଶିକ୍ଷାର୍ଥୀଙ୍କ ସହ ଏପରି ବିଶ୍ୱାସଘାତକୁ ସହିବେ ନାହିଁ ବୋଲି କହିଛନ୍ତି। ଜୁଲାଇ ୨୫ରେ ନରେନ୍ଦ୍ର ମୋଦି ସରକାର ଶିକ୍ଷାର୍ଥୀଙ୍କ ଆନ୍ଦୋଳନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ଆଦୌ ଗୁରୁତ୍ୱ ଦେଉ ନଥିବା ମଧ ସୌରଭ ଆଶଙ୍କା କରିଛନ୍ତି। ସେ କହିଛନ୍ତି, "ଜୁଲାଇ ୨୫ରେ ଦେଶର ଯୁବଗୋଷ୍ଠୀଙ୍କୁ ◆◆ପୃଷ୍ଠା ୭

# ଅଦରକାରୀ କାଗଜ, ପତ୍ର, କାଠ ଆଦିରେ ତିଆରି କରୁଛନ୍ତି ଡ଼ଟ୍ ପେନ

ନୂଆପଡ଼ା,୨୪/୦୮ (ନି.ପ୍ର): ଏବେ ସବୁଠି ବୃଦ୍ଧି ପାଉଛି ପ୍ଲାଷ୍ଟିକର ବ୍ୟବହାର। ଆମ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଏମିତି ଜଡ଼ିତ ହୋଇଯାଇଛି ଯେ ନା ତାକୁ ରଖି ହେଉଛି ନା ଛାଡି ହେଉଛି। ଘରକରଣା ସାମଗ୍ରୀ ସହ ବିଭିନ୍ନ ସୌଖିନ ଜିନିଷ ସବୁ ପ୍ଲାଷ୍ଟିକରେ ତିଆରି ହେଉଛି। ଏହା କିନ୍ତୁ ପରିବେଶ ପାଇଁ ଅତ୍ୟନ୍ତ ବିପଦ ଜନକ । ମାଟିରେ ଏହା ମିଶୁ ନଥିବାରୁ ପ୍ରଦୂଷଣ ବୃଦ୍ଧି କରୁଛି ଓ ପ୍ରାଣୀ ଜଗତ ପାଇଁ ବିପଦ ଟାଣି ଆଣୁଛି। ବିଶେଷ କରି ଆମେ ପ୍ରତ୍ୟେକ ଦିନ ବ୍ୟବହାର କରୁଥିବା ଡ଼ଟ୍ ପେନ୍ ପରିବେଶ ପ୍ରଦୂଷଣର ମୁଖ୍ୟ ଭୂମିକା ନିର୍ବାହ କରୁଛି। ଏହାର ମୁକାବିଲା ପାଇଁ ଜଣେ ଯୁବକ ଏବେ କାଗଜ, ପତ୍ର, କାଠ ଆଦିରେ ତିଆରି କରୁଛନ୍ତି ଡ଼ଟ୍ ପେନ୍। ଅଦରକାରୀ କାଗଜ ଶହ ବାଉଁଶ ଓ ପତ୍ରରେ ଡ଼ଟ୍ ପେନ୍ ତିଆରି କରି ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଅଣ୍ଟା ଭିଡିଛନ୍ତି ଜଣେ ଯୁବକ ଆଉ ଏହାକୁ ବହୁଳ ବ୍ୟବହାର ଓ ନିର୍ମାଣ ପାଇଁ ଏସଏଚଜି ଗ୍ରୁପର ମହିଳା ମାନଙ୍କୁ ମଧ୍ୟ ଦେଉଛନ୍ତି ତାଲିମ। ଏପରି ମହତ୍ ଉଦ୍ଦେଶ୍ୟରେ ଲାଗି ପଡ଼ିଥିବା ଯୁବକ ଜଣକ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକର ନେହେନା ଗାଁରେ ରହୁଥିବା ପ୍ରଭାକର ଦଣ୍ଡସେନା ଓ ତାଙ୍କ ଧର୍ମପତ୍ନୀ ସୌଭାଗିନୀ ଦଣ୍ଡସେନା। ପ୍ରଭାକର ଜଣେ ଓକିଲ। ଆଇନକୁ ପେଶା ଭାବରେ ଗ୍ରହଣ କରିଥିବା ପ୍ରଭାକରଙ୍କ ନିଶା କିନ୍ତୁ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା। ବିଶେଷ କରି ଆମେ ବ୍ୟବହାର କରୁଥିବା ଡ଼ଟ୍ ପେନକୁ ନେଇ ତାଙ୍କରି ଅନେକ ଚିନ୍ତା। ସେ କହନ୍ତି ଆମ ଦେଶରେ ପ୍ରତିଦିନ ଅଶି ଟନ ଓ ବର୍ଷକୁ ତିରିଶ ହଜାର ମ୍ୟାଟ୍ରିକ ଟନ ପ୍ଲାଷ୍ଟିକ ଡ଼ଟ୍ ପେନ୍ ବ୍ୟବହାର କରାଯାଏ। ଯାହାକୁ ବ୍ୟବହାର କରି ଫିଙ୍ଗି ଦିଆଯାଏ ଓ ତାହା ଆବର୍ଜନାରେ ପରିଣତ ହୁଏ। ଏହା ମାଟିରେ ମିଶୁ ନଥିବାରୁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପାଲଟି ଯାଏ। ଏହା ତାଙ୍କୁ ଚିନ୍ତାରେ ପକାଇ ଥିବାରୁ ସେ ପରିବେଶ ଅନୁକୂଳ ଡ଼ଟ୍ ପେନ୍ ନିର୍ମାଣ ପାଇଁ ଚିନ୍ତା କଲେ। ଏହି ନୂଆ ଚିନ୍ତା ଧାରାରେ ଗୁଣ୍ଡୁଚି ମୂଷା ଭଳି ପରିବେଶ ସୁରକ୍ଷା ପାଇଁ ଅଂଟା ଭିଡିଛନ୍ତି। ଅଦରକାରୀ କାଗଜ ସହ ବାଉଁଶ ଓ ତାଳପତ୍ର ଦ୍ୱାରା ଡ଼ଟ୍ ପେନ୍ ନିର୍ମାଣ କଲେ। ପରେ ଗ୍ରାମର ମାଆ ଗାୟତ୍ରୀ ଏସଏଚଜି ମହିଳାଙ୍କୁ ଏହା ଶିଖାଇଲେ। ସେ ଡ଼ଟ୍ ପେନ୍ ତିଆରି କରି ସେହି ଡ଼ଟ୍ ପେନ୍ ରେ ପିଜୁଳି, ଲେମ୍ବୁ, କମଳା, ଡାଲିମ୍ବ ଭଳି ମଞ୍ଜିକୁ ଖଞ୍ଜି ଦିଅନ୍ତି। ଯାହାଦ୍ୱାରା ତାକୁ ବ୍ୟବହାର ପରେ ଫିଙ୍ଗିଦେଲେ ସେଇଠୁ ଗଛଟିଏ ମଧ୍ୟ ସୃଷ୍ଟି ହେବ। ଏହି ଡ଼ଟ୍ ପେନ୍ ବହୁତ୍ ସୁନ୍ଦର ଓ ଲେଖିବାକୁ ଭଲ ବୋଲି ଛାତ୍ର ଛାତ୍ରୀ ମାନେ କହିଛନ୍ତି। ଆମ ଯେତେ ସଂଖ୍ୟାରେ ପ୍ଲାଷ୍ଟିକ ପେନ୍ ବ୍ୟବହାର କରୁଛୁ। ତାହା ବ୍ୟବହାର ପରେ ଆମେ ଫିଙ୍ଗି ଦେଉ ଫଳରେ ଏହି ପ୍ଲାଷ୍ଟିକ ପେନ୍ ଆମ ପରିବେଶକୁ ନଷ୍ଟ କରୁଛି। ଏହି ପ୍ଲାଷ୍ଟିକ ପେନ୍ ବଦଳରେ ଯଦି କାଗଜ ବାଉଁଶ ଓ ପତ୍ରରେ ତିଆରି ଡ଼ଟ୍ ପେନ୍ ବ୍ୟବହାର ହୁଏ ଆମ ପରିବେଶ ସୁରକ୍ଷିତ ହେବ। ଏହି ପେନ୍ ବ୍ୟବହୃତ ପରେ ଫିଙ୍ଗି ଦେଲେ ସେଥିରୁ ଏକ ଗଛ ସୃଷ୍ଟି ହେବ। ଏହାକୁ ଦୃଷ୍ଟି ଦେଇ ପ୍ରତିଦିନ ନେହେନା ଗାଁ ର ବିଭିନ୍ନ ଏସଏଚଜି ଗ୍ରୁପର ୧୦ ଜଣ ମହିଳା ଡ଼ଟ୍ ପେନ୍ ତିଆରି କରୁଛନ୍ତି । ଏହି ପେନ୍ ର ବହୁଳ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ଡ଼ଟ୍ ପାଇଁ ପ୍ରଭାକର ହାତରୁ ଖର୍ଚ୍ଚ କରୁଛନ୍ତି ଓ ଲୋକଙ୍କୁ ବାଂଟୁଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ଏହାର ପ୍ରଚାର ପ୍ରସାର ସହ ସେମାନେ ଦୁଇ ପଇସା ରୋଜଗାର କରି ପାରନ୍ତେ ବୋଲି ସେ କହନ୍ତି। ଏନେଇ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ଯଦି ଏହା ସତ୍ୟ ତାହାହେଲେ ତାଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କହିଥିଲେ। ପ୍ରଭାକର ଦଣ୍ଡସେନା ଓ ଏସଏଚଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଡ଼ଟ୍ ପେନ୍ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କୁ ଆକୃଷ୍ଟ କରିପାରିଛି । ଏପରି ପେନ୍ ଅଧିକରୁ ଅଧିକ ତିଆରି କରାଗଲେ ପ୍ଲାଷ୍ଟିକ ମୁକ୍ତ ବିଶ୍ୱ ପାଇଁ ଗୋଟିଏ ପାଦ ଆଗକୁ ଯାଇ ପାରିବ।

## ମା' ଓ ପୁଅଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

ଗଞ୍ଜାମ,୨୪/୦୮ (ନି.ପ୍ର): ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ମାମଲା ନମ୍ବର ଚାରିଶହ ସତଚାଳିଶ ସମ୍ବନ୍ଧରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ତ୍ରିଲୋଚନ ପେଣ୍ଠ ବେହେରା(୪୫), ପିତା ସ୍ୱର୍ଗତ ଭାସ୍କର ପେଣ୍ଠ ବେହେରା। ତାଙ୍କ ଘର ଗଜପତି ନଗର, ପଂଚମ ଗଳିରେ।

ଅଭିଯୋଗକାରିଣୀ ବବିତା ମହାନ୍ତି ଅଭିଯୋଗ କରିଛନ୍ତି ଯେ, ଗତ ୨୧ ତାରିଖ ରାତି ଆଠଟା ତିରିଶରେ ଅଭିଯୁକ୍ତ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କ ପୁଅ ଆଦିତ୍ୟ ମହାନ୍ତିଙ୍କୁ କାଠ ଢିଙ୍କି ମୂଷଳରେ ମାଡ଼ ମାରିଥିଲା। ସେ ଅଟକାଇବାକୁ ଗଲେ ତାଙ୍କୁ ମଧ୍ୟ ମାଡ଼ ଓ ଗାଳି କରିଥିଲା। ପୁଅର ମୁଣ୍ଡରେ ଆଘାତ ଲାଗିଛି। ଏହି ଘଟଣାରେ ବ୍ୟବହୃତ କାଠ ମୂଷଳ ପୁଲିସ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତଦନ୍ତ ଜାରି ରହିଛି।

# ସମ୍ବଲପୁର ବିଜେପି ଓ.ବି.ସି. ମୋର୍ଚ୍ଚାର ଜିଲ୍ଲା ଟିମ ସଦସ୍ୟଙ୍କ ନାମ ଘୋଷଣା

ସମ୍ବଲପୁର,୨୪/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ବିଜେପି ପଛୁଆ ବର୍ଗ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ଓ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ପଛୁଆ ବର୍ଗ ଜାତି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ ତାଙ୍କର ଜିଲ୍ଲା ଟିମର ସମସ୍ତ ପଦବୀର ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଦ୍ୱାରା ପ୍ରଦତ ସୂଚୀ ମୁତାବକ ଜିଲ୍ଲା ଉପସଭାପତି ଭାବରେ ପ୍ରକାଶ ପୃଷ୍ଟି, ବିପିନ ଛକର, ଲୀଲାରାଣୀ ସାହୁ, ଚନେହଲା ପାତ୍ର ଓ ରାମକୃଷ୍ଣ ପଟେଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଅଜୟ କୁମାର ବେହେରା ଓ ଓଁପ୍ରକାଶ ବିଶ୍ୱାଳ ଙ୍କୁ ଦାୟିତ୍ୱ ଦିଆଯାଇଛି । ମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ଭାବରେ ସୁଶାନ୍ତ ପ୍ରଧାନ, ପ୍ରଭାସ କର୍ଣ୍ଣ, ହାରାବତୀ ସାମଲ, ଧୀରେନ ନାଗ ଓ ସୌଦାମିନି ଦେହୁରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସୁବୋଧ ପଟେଲଙ୍କୁ ଜିଲ୍ଲା କୋଷଧକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଓ.ବି.ସି ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଶୀଲ ଭୋଇ, ଶୟନ ପୋଦ୍ଦଲ, ରମେଶ ସାହୁ, ଲଳିତା ସାହୁ, ଜୟକାନ୍ତ ସାହୁ, ଅଶୋକ ସାହୁ, ଅଶ୍ୱିନୀ ରାଉତ, ବିମଲ ଚୌଧୁରୀ, ଦିବାକର ପୃସେଠ, ତରୁଣ ଚୌଧୁରୀ, କଙ୍ଗାଲୁ ରାଣା, ବିଦ୍ୟାଧର ମେହେର, ନାରାୟଣ ବେହେରା, ଗୌରୀଶଙ୍କର ସାହୁ, ମନବୋଧ ଭୋଇ, ସୁନୀଲ ବାଘ ଓ ପ୍ରଶାନ୍ତ ମହାକୁଡ଼ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା ସଂଗଠନକୁ ଅଧିକ ସୁଦୃଢ଼ କରିବା, ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ଜିଲ୍ଲାରେ ପଛୁଆ ବର୍ଗ ଜାତି ର ଲୋକମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ନୂତନ ପଦାଧିକାରୀମାନେ ସଂଗଠନର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ମଧ୍ୟରେ ପହଂଚାଇବା ସହ ଜିଲ୍ଲାରେ ଓ.ବି.ସି ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବା ପାଇଁ କାମ କରନ୍ତୁ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଆହ୍ୱାନ ଦେଇଛନ୍ତି ।

# ଲଗାଣ ବର୍ଷାରେ ବୋରିଗୁମ୍ମା ବେହାଲ୍

ଜୟପୁର,୨୪/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ଲଗାଣ ବର୍ଷା କାରଣରୁ ଫୁଲୁଛି ସିଙ୍ଗାରୀ ନଦୀ। ବି ଜାନୀଗୁଡା ନିକଟରେ କୂଳ ଲଙ୍ଘିଲା ନଦୀ। ମାଟି ଧସେଇ ହୋଇ ନଦୀ କୂଳରେ ଥିବା ଗୋଟିଏ ଘର ଭୁଶୁଡ଼ିଛି। ଆଉକିଛି ଘର ଭୁଶୁଡିବାର ଭୟ ରହିଛି। ବର୍ଷା ଜାରି ରହିଥିବା କାରଣରୁ ନଦୀ କୂଳିଆ ବାସିନ୍ଦାଙ୍କ ଚିନ୍ତା ବଢ଼ୁଛି।ଦୁଇ ଦିନର ଲଗାଣ ବର୍ଷା ଧୋଇ ନେଇଛି ଆପ୍ରୋଚ୍ ରୋଡ୍ । ତରାଭଟା ଛକରୁ କୁମୁଲି ମଧ୍ୟରେ ଥିବା ନାଳ ଉପରେ ଚାଲିଛି ବ୍ରିଜ୍ ନିର୍ମାଣ । ହେଲେ ବ୍ରିଜ୍ ନିର୍ମାଣ ପୂର୍ବରୁ ଆପ୍ରୋଚ୍ ରୋଡ୍ ନିର୍ମାଣ କରିଥିବା ବେଳେ ଲଗାଣ ବର୍ଷାରେ ବାରମ୍ବାର ତାହା ଧୋଇ ନେଇଛି। ଗତ ଦୁଇ ଦିନ ହେବ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ରୁ ଅଧିକ ପାଣି ଚାଲୁଥିବାରୁ ଚାରିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଫଳରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଂଚଳବାସୀ ହନ୍ତସନ୍ତ ହେଉଛନ୍ତି । ଏହି ରାସ୍ତା ଉପରେ ଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଛି ହେଲେ ବର୍ଷା ଋତୁରେ ନିର୍ମାଣ କାମ ଆରମ୍ଭ ହେବାରୁ ଏବେ ଦେଖାଦେଇଛି ସମସ୍ୟା । ପ୍ରବଳ ବର୍ଷାରେ ନିର୍ମାଣ କରାଯାଇଥିବା ଆପ୍ରୋଚ୍ ରୋଡ୍ ବାରମ୍ବାର ବର୍ଷା ପାଣିରେ ଧୋଇଯାଇଥିବା ବେଳେ ଗତ ଦୁଇ ଦିନ ହେବ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ପାଣି ଚାଲୁଛି । ଲଗାଣ ବର୍ଷା ଜାରି ରହିଲେ ପାଣି ଆହୁରି ବଢ଼ିବା ଆଶଙ୍କା ରହିଛି । ବ୍ରିଜ୍ ନିର୍ମାଣ ସ୍ଥାନ ମଧ୍ୟ ପାଣିରେ ବୁଡ଼ିଯାଇଛି । ରାସ୍ତା ଉପରେ ଜେସିବି ମେସିନ୍ ଓ ଶ୍ରମିକମାନଙ୍କ ରହିବା ସ୍ଥାନ ମଧ୍ୟ ପାଣିଘେରରେ ରହିଛି । ଏହି ରାସ୍ତା ଦେଇ ନରସିଂହ ମହାବିଦ୍ୟାଳୟ, କିଶୋର ଚନ୍ଦ୍ର ଡିଗ୍ରୀ କଲେଜ୍ ଓ ବୋରିଗୁମ୍ମା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶହ ଶହ ଲୋକ ଯାତାୟାତ କରନ୍ତି । କିନ୍ତୁ ଦୁଇ ଦିନ ହେବ ଯାତାୟାତ ଠପ୍ ହୋଇପଡ଼ିଛି । ସବୁଠାରୁ ବଡ଼ କଥା ହେଉଛି, ବ୍ରିଜ୍ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ଏଠାରେ କୌଣସି ବିପଦସୂଚକ ଫଳକ ଲଗାଯାଇନାହିଁ । ନା ରହିଛନ୍ତି କୌଣସି ସୁରକ୍ଷା କର୍ମଚାରୀ । ରାସ୍ତା ଉପରେ ପାଣି ଚାଲୁଥିବା ସତ୍ତ୍ୱେ କେହି ଯଦି ଆପ୍ରୋଚ୍ ରୋଡ୍ ଭିତରକୁ ପ୍ରବେଶ କରନ୍ତି, ତାଙ୍କୁ ରୋକିବା କିମ୍ବା ଯାନବାହନର ତଦାରଖ କରିବା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ ।ଏହି ରାସ୍ତା ଉପରେ ପାଣି ବଢ଼ିବା ଯୋଗୁଁ କୁମୁଲି ଓ ମୁଞ୍ଜା ପଂଚାୟତର ଅନେକ ଗାଁର ଲୋକ ବୋରିଗୁମ୍ମା, ଜୟପୁର ଓ କୋରାପୁଟ ଯିବାରେ ସମସ୍ୟା ଭୋଗୁଥିବା ଲକ୍ଷ୍ୟ କରାଯାଇଛି ।

# ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା,୨୪/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ତଥା ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ସମିତି ବୈଠକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ା ବିଦ୍ୟାଳୟ କ୍ରୀଡ଼ା ସମୂହ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ଡିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ାର ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ପିଏମ୍ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ଼ର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ଏବଂ ସମସ୍ତ ବ୍ଲକ କ୍ରୀଡ଼ା ସମ୍ପାଦକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ବିଗତ ବର୍ଷର ବିବରଣୀ ପାଠ କରିବା ସହ ଚଳିତ ବର୍ଷର ଜୋନ୍, ବ୍ଲକ୍ ଏବଂ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକାରିଣୀ ସଭ୍ୟଙ୍କ ସର୍ବସମ୍ମତି କ୍ରମେ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗର୍ଡିଆ ଏହି କାର୍ଯ୍ୟପନ୍ଥାକୁ ଅନୁମୋଦନ କରିଥିଲେ। ଜିଲ୍ଲାର ଛାତ୍ରଛାତ୍ରୀମାନେ କିପରି ଉନ୍ନତମାନର ପ୍ରଦର୍ଶନ କରି ରାଜ୍ୟ ତଥା ଜାତୀୟ ସ୍ତରରେ ନିଜର ପ୍ରତିଭା ବିକଶିତ କରିପାରିବେ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଶ୍ରୀ ଗର୍ଡିଆ ଆହ୍ୱାନ ଦେଇଥିଲେ। ଏଥିସହ ଜିଲ୍ଲା କ୍ରୀଡ଼ା ସମୂହ ତରଫରୁ ସମସ୍ତ ଆବଶ୍ୟକୀୟ ସହଯୋଗ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଲଖନପୁର ବ୍ଲକ୍ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ମଂଚ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଡିଗାଁରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪/୦୮ (ନି.ପ୍ର): କୋଲାବିରା ବ୍ଲକ କେଲେଣ୍ଡାମାଲ ପଂଚାୟତ ଗୁଡିଗାଁ ଗ୍ରାମରେ ରବିବାର ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଯାୟୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ଓ ଏହାର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକର କର୍ତବ୍ୟ । ଏଣୁ ସମସ୍ତ ବ୍ୟକ୍ତି ମା ଙ୍କ ନାମରେ ଗଛଟିଏ ଲଗାଇବାକୁ ସଂକଳ୍ପ ନେବାକୁ ପୂର୍ବ ବିଧାୟିକା ଆହ୍ୱାନ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ସମାଜସେବୀ ସୁଧାଂଶୁ ନାଏକ, ଗୁଡ଼ିଗାଁ ହାଇସ୍କୁଲ ସଂସ୍କୃତ ଶିକ୍ଷକ ପ୍ରଶାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ଏଥିରେ ଅତୁଲ୍ୟ ବିର୍ଗଠିଆ, ଜୟନ୍ତ କାଲୋ, ନିର୍ମଳ ପଟେଲ, ମନୋଜ ପଟେଲ, କରୁଣା କାଲୋ, ସାଗର ବୀର୍ଗଠିଆ, ଓମପ୍ରକାଶ ପଟେଲ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# କୋଲାବିରାରେ ଅବକାରୀ ଥାନା କେବେ ?

ଝାରସୁଗୁଡ଼ା,୨୪/୦୮ (ନି.ପ୍ର): ବର୍ଷେ ହେଲାଣି ନୂଆ କୋଠାରେ ଝୁଲୁଛି ତାଲା। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ ସଦର ତହସିଲ ଅଫିସ ନିକଟରେ ଅବକାରୀ ଥାନା ପାଇଁ ନିର୍ମାଣ ହୋଇଥିବା ନୂତନ କୋଠା ଦୀର୍ଘଦିନ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ପ୍ରାୟ ବର୍ଷେ ତଳେ କୋଠା ନିର୍ମାଣ ଶେଷ ହୋଇଥିବା ବେଳେ ଏହାର ପାଚେରୀ, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ସହ ରଙ୍ଗମରା କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତଥାପି ଥାନା କାର୍ଯ୍ୟକ୍ଷମ ହୋଇନଥିବାରୁ ନୂଆ କୋଠାର ମୁଖ୍ୟ ଫାଟକରେ ଏବେ ବି ବଡ଼ ତାଲା ଝୁଲୁଛି। କୋଲାବିରା ବ୍ଲକ ଅଂଚଳରେ ଦୀର୍ଘଦିନ ଧରି ବେଆଇନ ମଦ କାରବାର ନେଇ ଅଭିଯୋଗ ହୋଇଆସୁଛି। ବିଭିନ୍ନ ଢାବା ଓ ହୋଟେଲରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ସହ ଅନେକ ସ୍ଥାନରେ କୁଚିଆ ମଦ ବେପାର ଚାଲୁଥିବା ଅଭିଯୋଗ ରହିଛି। ଏହାଛଡ଼ା ଜଙ୍ଗଲ ଅଂଚଳର ବିଭିନ୍ନ ଗାଁରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ମଧ୍ୟ ଚାଲିଥିବା ନେଇ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ କୋଲାବିରାରେ ଅବକାରୀ ଥାନା ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ଅଂଚଳରେ ବେଆଇନ ମଦ ଓ ନିଶା କାରବାର ଉପରେ ଅଧିକ ପ୍ରଭାବଶାଳୀ ଭାବେ ଅଙ୍କୁଶ ଲଗାଯାଇପାରିବ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲାରେ ୩ ମାସ ହେବ ମିଳୁନି ଭତ୍ତା : ଦୁର୍ଦ୍ଦିନରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ

ଜୟପୁର,୨୪/୦୮ (ନି.ପ୍ର): କୋରାପୁଟ ଜିଲାରେ ଗତ ୩ ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା । ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି । ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ । କିନ୍ତୁ ଗତ ୩ ମାସ ହେବ ଭତା ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭତା ଟଙ୍କା ପାଇବା ନେଇ କୋରାପୁଟ ଜିଲାର କୋରାପୁଟ, ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, କୋଟପାଡ ବ୍ଲକ କାର୍ଯ୍ୟାଳୟକୁ ଯାଇ ହିତାଧିକାରି ମାନେ ନୟାନ୍ତ ହେଲେଣି । ପ୍ରଶାସନ ତରଫରୁ ଆଧାର ସହ ବ୍ୟାଙ୍କ ପାସ ବୁକ ଲିଙ୍କ କଲେ ଭତା ଟଙ୍କା ଆସିବ ବୋଲି କହୁଛନ୍ତି । କିନ୍ତୁ ବହୁ ହିତାଧିକାରି ଆଧାର ଲିଙ୍କ କରିବା ପରେ ମଧ୍ୟ ଭତା ଟଙ୍କା ଆସିନଥିବା ଅଭିଯୋଗ କରିଛନ୍ତି । ଗତ ତିନି ମାସ ତଳେ ମଧ୍ୟ ୪ ମାସର ଭତା ଟଙ୍କା ଆସିନଥିବା ବେଳେ ବର୍ତମାନ ବି ଭତା ଟଙ୍କା ସମସ୍ୟା ରହିଛି । ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ର ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି । କିନ୍ତୁ ଏହିସବୁ ସାମାଜିକ ନିରାପତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା କାଗଜ କଲମରେ ସୀମିତ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି । ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଂଚିତ ହୁଅନ୍ତି ଓ ଏହା ମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି । ଭତା ଟଙ୍କା ଉପରେ ଭରସା କରି ନିଜ ପାଇଁ ଔଷଧ କିଣିବା ସହ ଅନ୍ୟ କାର୍ଯ୍ୟ କରିଥାନ୍ତି । ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧୀ ଦଳର ନେତା ମାନେ ଅଭିଯୋଗ କରିଛନ୍ତି । ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ । ଏହି ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତା ଦେବ ତାହା ଏବେ ଚିନ୍ତାର ବିଷୟ ଅଟେ । ତେଣୁ ରାଜ୍ୟ ସରକାର ତୁରନ୍ତ ଗରିବ, ବୃଦ୍ଧ ବୃଦ୍ଧା ହିତାଧିକାରିଙ୍କ ଭତା ଟଙ୍କା ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ହତ୍ୟା ଉଦ୍ୟମ ମାମଲା : ଦୁଇ ଗିରଫ

ଗଞ୍ଜାମ,୨୪/୦୮ (ନି.ପ୍ର): ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ମାମଲା ନମ୍ବର ତିନିଶହ ଅଠରରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି ।ଅଭିଯୁକ୍ତମାନେ ହେଲେ ଶତ୍ରୁଘ୍ନ ଗୌଡ଼ (୨୮), ପିତା ବାବୁଲା ଗୌଡ଼ ଏବଂ ବାବି ଜେନା ଓରଫ ବାସୁଦେବ ଜେନା(୩୩), ପିତା ସ୍ୱର୍ଗତ ସହଦେବ ଜେନା। ଉଭୟ ଗୋଠବନ୍ଧର, ସଦର ଥାନା ଅଂଚଳର। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁସାରେ, ଅଗଷ୍ଟ ୧୯ ତାରିଖରେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଓ ହତ୍ୟା ଧମକ ଦେଇଥିଲେ। ଅଗଷ୍ଟ ୨୧ ତାରିଖ ରାତି ଆଠଟାରେ ସେ ଚଣ୍ଡୀ ମନ୍ଦିର ସାହିରେ ସାଙ୍ଗ ସହ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତମାନେ କାରରେ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ।

# ସର୍ବଭାରତୀୟ ଶ୍ରମିକନେତା ପ୍ରତାପ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧୋତ୍ସବ

ଭଦ୍ରକ,୨୪/୦୮ (ନି.ପ୍ର): ସର୍ବଭାରତୀୟ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଟାଉନହଲରେ ଆଜି ପାଳନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, ପରିବାର ଓ ଜନକଲ୍ୟାଣ ମନ୍ତ୍ରୀ ମୁକଶେ ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତାପ ପଣ୍ଡାଙ୍କ ଭଳି ନିର୍ଭିକ ଶ୍ରମିକ ନେତା ସମଗ୍ର ଭାରତ ବର୍ଷରେ ବିରଳ ବୋଲି କହିଥିଲେ। ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାରତୀୟ ମଜଦୂର ସଂଘର ରାଜ୍ୟ ସଂସଂଗଠନ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗ ଦେଇଥିଲେ। ବିଜୟ ମିଶ୍ରଙ୍କ ସଂଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଗତ ୮ ତାରିଖଠାରୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବନେତା ସୁରେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଇସ୍ମିତା ମହାନ୍ତି ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବି.କେ. ଷ୍ଟିଲ୍, ଖୁଂଟୁଣୀ, ଡସିଏଲ୍, ଓରିକ୍ଲିନ୍, ଆର୍ଏସ୍ପି, ଧାମରା ବନ୍ଦର କର୍ମଚାରୀ ସଂଘ, ଅଲ୍ ଓଡ଼ିଶା ମେଡ଼ିକାଲ କର୍ମଚାରୀ ସଂଘ, ଆଶାକର୍ମୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନ୍ୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, ପାଚିକା ସଂଘ, ସିଆର୍ପି ର କର୍ମକର୍ତା ମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତନୁ ମହାପାତ୍ର, ମୁକ୍ତିକାନ୍ତ ସାହୁ, ଅରୁଣୋଦୟ ଖିଲାର, ହିମାଂଶୁ ନାୟକ, ପ୍ରତାପ ପଣ୍ଡଙ୍କ ପତ୍ନୀ ସଞ୍ଜୁଲତା ଦାଶ, ବିକାଶ ସାମଲ, ରାମଚନ୍ଦ୍ର ରାଉତ ସରପଂଚ ଅମୂଲ୍ୟ ନାୟକ, ସନ୍ଧ୍ୟାରାଣୀ ପହି, ଜ୍ୟୋତିପ୍ରକାଶ ଦାସ, ରବି ସାହୁ, ରାଜୀବ ସମାଲ, ରାକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, କମଳାକାନ୍ତ ସାହୁ, ବିପ୍ର ସେଠୀ, ବିଶ୍ୱନାଥ ଜେନା, ଅଶୋକ ନାୟକ, କୌଶଲ୍ୟା ରାଉତ, ଲକ୍ଷ୍ମୀପ୍ରିୟା ପାତ୍ର, ରେଶ୍ମା ଖାତୁନ, ସିନ୍ଧୁଲତା ସାମଲ, ସ୍ୱର୍ଣ୍ଣଲତା ବେହେରା, ଦ୍ରୌପଦୀ ସାହୁ, ନିରୂପମା ପତ୍ରୀ, ସ୍ୱର୍ଣ୍ଣଲତା ମଲ୍ଲିକ, ସସ୍ମିତା ନାୟକ, ସୁଜତା ଦାସ, ସୁଭଦ୍ରା ପାତ୍ର ଶକୁନ୍ତଳା ସାମଲ, ମିନତୀ ପଣ୍ଡା, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରିୟନାଥ ଧଳ, ବରଦା ପ୍ରସନ୍ନ ସମାଲ, ପ୍ରଶାନ୍ତ ମିଶ୍ର, ସଞ୍ଜୟ ମହାନ୍ତି, ତପନ ପଣ୍ଡା, ମନୋଜ ପାତ୍ର, ସୁଶାନ୍ତ ନାୟକ, ରବୀନ୍ଦ୍ର ଦେଓ, ଉମାକାନ୍ତ ଦାସ, ଚନ୍ଦ୍ରଶେଖର ଜେନା, ମନୋଜ ଲେଙ୍କା, ବିଜୟ ପ୍ରତାପ ଜେନା, ଲକ୍ଷ୍ମଣ ମହାକୁଡ଼ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭା ସମ୍ମାନରେ ବସନ୍ତ କୁମାର ସାହୁ, ରାଜେନ୍ଦ୍ର ମହାନ୍ତି, ନୃସିଂହ ସାହୁ, ନିରଞ୍ଜନ ସ୍ୱାଇଁ, ଇଂ ସୁବ୍ରତ ମହାପାତ୍ର, ମିନତୀ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ବିଷ୍ଣୁପୁର ଛକଠାରେ ରାଜ୍ୟ ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ପ୍ରତାପ ପଣ୍ଡାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେଶନାଥ ଧଳ, ଯୋଗେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପୁରରେ ବଜାରରେ ବଢୁଛି ପାଉଡର ପନିର ବ୍ୟବସାୟ

ଜୟପୁର,୨୪/୦୮ (ନି.ପ୍ର): କୋରାପୁଟ ଜିଲାରେ ବଢୁଛି ପାଉଡର ପନିର କାରବାର । ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସୁନାବେଢା, ଦାମନଯୋଡିରେ ପାଉଡର ପନିରର ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି। ଆଉ ୫ ଦିନ ପରେ ବହୁ ପ୍ରତୀକ୍ଷିତ ରାକ୍ଷୀ ପୂର୍ଣ୍ଣିମା । ପରମ୍ପରା ଅନୁଯାୟୀ ଏହି ପର୍ବରେ ଘରେ ଘରେ ପିଠାପଣାର ଆସର ଜମିଥାଏ । ବର୍ତମାନ ଭଉଣୀମାନେ ଭାଇକୁ ରାକ୍ଷୀ ବାନ୍ଧିବା ବେଳେ ପାରମ୍ପରିକ ପିଠା ବଦଳରେ ସୁସ୍ୱାଦୁ ମିଠା ଖୁଆଇବାକୁ ପସନ୍ଦ କରୁଛନ୍ତି କିନ୍ତୁ ଏହି ମିଠାଗୁଡ଼ିକ କେଉଁ ଉପାଦାନରୁ ପ୍ରସ୍ତୁତ ହେଉଛି, ତାହା ପ୍ରାୟ ଲୋକେ ଜାଣନ୍ତି ନାହିଁ । ଏବେ ବଜାରରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଛେନା, ପନିର ମିଳୁଛି । ଯାହା ଜହର ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେଗୁଡ଼ିକର ବିକ୍ରି ଉପରେ ନିଷେଧାଜ୍ଞା ଜାରି କରାଯାଇଛି । କିଛି ବ୍ୟବସାୟୀ ଏହାକୁ ଲୁଚାଛପାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ମାତ୍ର ସେଗୁଡ଼ିକ ଉପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିୟମିତ ଚଢ଼ଉ ହେଉ ନାହିଁ । ଫଳରେ ପ୍ରତ୍ୟେକ ଦିନ ସହରକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପାଉଡରରୁ ତିଆରି ଛେନା ଆସୁଛି । ସେଭଳି କିଛି ଛେନା ମଧ୍ୟ ବାହାର ରାଜ୍ୟରୁ ଆସୁଛି । ଏହି ପାଉଡର ଛେନାରୁ ପ୍ରସ୍ତୁତ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଖାଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି । କୋରାପୁଟ ଜିଲା ଜୟପୁର ସହରରେ ପ୍ରତିଦିନ ଯେତିକି ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ ସେଥିରୁ ପ୍ରାୟ ୭୦ ପ୍ରତିଶତ ପାଉଡର କ୍ଷୀରରୁ ପ୍ରସ୍ତୁତ ହୋଇଥାଏ କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ପ୍ରତ୍ୟେକ ଦିନ ଯେତିକି ମିଠା ପ୍ରସ୍ତୁତ ହୋଇଥାଏ । କେବଳ ରାକ୍ଷୀ ପୂର୍ଣ୍ଣିମା ଦିନ ଏହା ଠାରୁ ପ୍ରାୟ ଶହେ ଗୁଣ ଅଧିକ ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ମିଠାର ଚାହିଦା ଢ଼େର ବଢ଼ିଯାଇଥାଏ । ଏହି ଚାହିଦାକୁ ମେଣ୍ଟାଇବା ପାଇଁ ବ୍ୟବସାୟୀମାନେ ପାଉଡର କ୍ଷୀରର ସହାୟତା ନେଇଥାନ୍ତି । ଏନେଇ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ଥାଇ ମଧ୍ୟ ନିୟମିତ ଚଢ଼ଉ ହେଉ ନାହିଁ । ଏହି ବେଆଇନ ପାଉଡର କ୍ଷୀର ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗାଈ କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ବଦଳରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ପେଟରୋଗ ବଢ଼ିଥାଏ । ଲୋକେ ଏଭଳି ଭେଜାଲ ଖାଦ୍ୟକୁ ବର୍ଜନ କରିବା ସହ ପାରମ୍ପରିକ ମିଠାକୁ ଆପଣାଇ ପାରିଲେ ଶରୀର ସୁସ୍ଥ ରହିବା ସହ ଆମ ପରମ୍ପରା ମଧ୍ୟ ବଂଚି ରହିପାରିବ ବୋଲି ସଚେତନ ନାଗରିକ ମାନେ ମତ ପ୍ରକାଶ କରିଛନ୍ତି ।

ବିଚିତ୍ରା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ୨୫ ଅଗଷ୍ଟ ୨୦୨୬ ମଙ୍ଗଳବାର

# କେତେ ସମୟ ପୂର୍ବରୁ ଚା' ପିଇବା ସୁରକ୍ଷିତ ?: ଜାଣନ୍ତୁ କ'ଣ କହୁଛନ୍ତି ବିଶେଷଜ୍ଞ

**ସମୟର ବ୍ୟସ୍ତତା ଭିତରେ ଏକାଥରକେ ୨-୩ କପ୍ ଚା' ତିଆରି କରି ରଖିଦେବା ଏବଂ କିଛି ଘଣ୍ଟା ପରେ ତାହାକୁ ପୁଣି ଗରମ କରି ପିଇବା ଅନେକଙ୍କ ଅଭ୍ୟାସ। ତେବେ ଏଭଳି ରଖାଯାଇଥିବା ଚା' ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ, ତାହା ନେଇ ସଚେତନ ହେବା ଜରୁରୀ। ଦୀର୍ଘ ସମୟ ଧରି ଚା'କୁ ସାଧାରଣ ତାପମାତ୍ରାରେ ରଖି ପିଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ବଢ଼ିପାରେ।**



ବିଶେଷଜ୍ଞଙ୍କ ଅନୁଯାୟୀ, ତିଆରି ହୋଇଥିବା ଚା'କୁ ପ୍ରାୟ ୩ରୁ ୪ ଘଣ୍ଟା ଧରି ରଖିଦେଲେ ସେଥିରେ ଜୀବାଣୁ ବଢ଼ିବାର ଆଶଙ୍କା ରହିଥାଏ। ବିଶେଷକରି ଚା' ଯଦି ଦୀର୍ଘ ସମୟ ଧରି ଖୋଲାରେ କିମ୍ବା ଉପଯୁକ୍ତ ତାପମାତ୍ରା ବିନା ରହିଥାଏ, ତେବେ ତାହା ଖାଦ୍ୟ ବିଷାକ୍ତ ହେବାର ସ୍ତରକୁ ବଢ଼ାଇପାରେ। ଏହି କାରଣରୁ ବହୁ ସମୟ ଧରି ରଖାଯାଇଥିବା ଚା' ପିଇବାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପ୍ରତି ଭଲ। ତେବେ କ୍ଷୀର ଓ ଚିନି ମିଶା ଚା'ରେ ବିପଦ ଅଧିକ ହୋଇପାରେ। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଜୀବାଣୁ ବଢ଼ିବା ପାଇଁ ଅନୁକୂଳ ପରିବେଶ ଯୋଗାଇପାରେ। ତେଣୁ ଦୀର୍ଘ ସମୟ ରଖାଯାଇଥିବା କ୍ଷୀର ଚା'କୁ କେବଳ ପୁଣି ଗରମ କରିଦେଲେ ତାହା ସୁରକ୍ଷିତ ହୋଇଯିବ ବୋଲି ଭାବିବା ଠିକ୍ ନୁହେଁ। ଅଦା, ଚିନି କିମ୍ବା କ୍ଷୀର ମିଶିଥିବା ଚା' ପ୍ରତି ଅଧିକ ସତର୍କତା ଆବଶ୍ୟକ। ଅନ୍ୟପକ୍ଷରେ, ଗ୍ରୀନ୍ ଟି, ହର୍ବାଲ୍ ଟି କିମ୍ବା ଫ୍ରୁଟ୍ ଟିକୁ ବାରମ୍ବାର ଗରମ କରିବା ମଧ୍ୟ ଭଲ ଅଭ୍ୟାସ ନୁହେଁ। ଅଧିକ ତାପ ଓ ପୁନଃପୁନଃ ଗରମ କରିବା ଦ୍ୱାରା ଚା'ର କିଛି ସ୍ୱାଭାବିକ ଗୁଣ ଓ ସ୍ୱାଦ ପ୍ରଭାବିତ ହୋଇପାରେ। ତେଣୁ ସ୍ୱାସ୍ଥ୍ୟକର ଲାଭ ପାଇବା ଉଦ୍ଦେଶ୍ୟରେ ପିଉଥିବା ଚା'କୁ ତାଜା ଅବସ୍ଥାରେ ପିଇବା ଅଧିକ ଉପଯୁକ୍ତ। ଅନେକ ଲୋକ ଚା' ନଷ୍ଟ ନକରିବା ପାଇଁ ବଳକା ଚା'କୁ ପୁଣି ଗରମ କରି ପିଇଥାନ୍ତି। କିନ୍ତୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଚା' ଯେତିକି ଦରକାର, ସେତିକି ପରିମାଣରେ ତିଆରି କରି ତାଜା ଅବସ୍ଥାରେ ପିଇବା ସବୁଠାରୁ ଭଲ। ଯଦି ଅଧିକ ଚା' ତିଆରି ହୋଇଯାଏ, ତେବେ ଯଥାସମ୍ଭବ ଶୀଘ୍ର ବ୍ୟବହାର କରିବା ଉଚିତ। ବିଶେଷକରି ୩-୪ ଘଣ୍ଟା ଧରି ସାଧାରଣ ତାପମାତ୍ରାରେ ରହିଥିବା କ୍ଷୀର ଚା'କୁ ପୁଣି ଗରମ କରି ପିଇବା ପରିବର୍ତ୍ତେ ଫିଙ୍ଗିଦେବା ଅଧିକ ସୁରକ୍ଷିତ ବିକଳ୍ପ।

# ବ୍ଲାକ୍ କଫି ପିଉଛନ୍ତି କି ? ଜାଣନ୍ତୁ ଏହାର ଫାଇଦା ଓ କ୍ଷତି



ଆଜିକାଲି ବ୍ଲାକ୍ କଫି ପିଇବାର ଟ୍ରେଣ୍ଡ ବେଶ୍ ବଢ଼ିଛି । ଓଜନ କମାଇବା ଠାରୁ ଆରମ୍ଭ କରି ଫିଟନେସ୍ ଓ ଏନର୍ଜି ବଢ଼ାଇବା ପର୍ଯ୍ୟନ୍ତ ବ୍ଲାକ୍ କଫିକୁ ଅନେକେ 'ସୁପର ଡ୍ରିଙ୍କ' ବୋଲି ଭାବୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ବ୍ଲାକ୍ କଫିର ଫାଇଦାକୁ ନେଇ ଅନେକ ଦାବି କରାଯାଉଛି କିନ୍ତୁ ପ୍ରକୃତରେ କ'ଣ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ଲାଭଦାୟକ? ପ୍ରତିଦିନ ଏହା ପିଇବା ସୁରକ୍ଷିତ କି? କେଉଁମାନେ ବ୍ଲାକ୍ କଫି ପିଇବା ଉଚିତ ଏବଂ କେଉଁମାନେ ସାବଧାନ ରହିବା ଦରକାର? ଏନେଇ ଡାକ୍ତରମାନେ କ'ଣ କହୁଛନ୍ତି, ଆସନ୍ତୁ ଜାଣିବା । ବିଶେଷଜ୍ଞଙ୍କ କହିବା ଅନୁସାରେ, ବ୍ଲାକ୍ କଫିର ପ୍ରଭାବ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ସମାନ ନୁହେଁ । ବୟସ, ଶାରୀରିକ ସ୍ଥିତି, ପୂର୍ବରୁ ଥିବା ରୋଗ ଏବଂ କ୍ୟାଫିନ୍ ସହନ କରିବାର କ୍ଷମତା ଉପରେ ଏହାର ପ୍ରଭାବ ନିର୍ଭର କରେ। ଯଦି ବ୍ଲାକ୍ କଫି ପିଇବା ପରେ କୌଣସି ଅସୁବିଧା ହେଉନାହିଁ, ତେବେ ସୀମିତ ପରିମାଣରେ ଏହା ସେବନ କରିପାରିବେ ।

ଡାକ୍ତରଙ୍କ ମତରେ ବ୍ଲାକ୍ କଫିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଲିଭରକୁ ସୁରକ୍ଷା ଦେବାରେ ସହାୟକ ହୋଇପାରେ । ଏହା ଲିଭର ଫାଇବ୍ରୋସିସ୍‌ର ଝୁମ୍ପ କମାଇବାରେ ମଧ୍ୟ ସାହାଯ୍ୟ କରିପାରେ । ଏହାସହ କ୍ୟାଫିନ୍ ମସ୍ତିଷ୍କକୁ ସକ୍ରିୟ ରଖିବା, ଧ୍ୟାନ କେନ୍ଦ୍ରୀକରଣ ବଢ଼ାଇବା ଏବଂ ମେଟାବଲିଜିମ୍‌କୁ ଉନ୍ନତ କରିବାରେ ସହାୟକ ବୋଲି କିଛି ଅଧ୍ୟୟନ ସୂଚନା ଦେଇଛି । ତେବେ ବ୍ଲାକ୍ କଫି ସମସ୍ତଙ୍କ ପାଇଁ ସମାନ ଭାବେ ଉପକାରୀ ନୁହେଁ। ଯଦି କଫି ପିଇବା ପରେ ରାତିରେ ନିଦ ଆସୁନାହିଁ, ଛାତି ଜ୍ୱଳା, ଏସିଡିଟି, ବଦହଜମ, ହୃଦସ୍ପନ୍ଦନ ବଢ଼ିଯିବା କିମ୍ବା ଅସ୍ଥିରତା ଅନୁଭବ ହେଉଛି, ତେବେ ବ୍ଲାକ୍ କଫି ପିଇବା ବନ୍ଦ କରିବା କିମ୍ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଉଚ୍ଚ ରକ୍ତଚାପ, ହୃଦସ୍ପନ୍ଦନ ଅନିୟମିତ ଥିବା, ଦୀର୍ଘଦିନର ଏସିଡିଟି ସମସ୍ୟା କିମ୍ବା ଅନିଦ୍ରାରେ ପୀଡ଼ିତ ଲୋକମାନେ ବ୍ଲାକ୍ କଫି ପିଇବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ଅନେକ ଲୋକ ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇଥାନ୍ତି ।

ଅଧିକାଂଶ ଲୋକଙ୍କ ପାଇଁ ଏଥିରେ ବିଶେଷ ଅସୁବିଧା ହୁଏନାହିଁ । କିନ୍ତୁ ଯଦି ଖାଲି ପେଟରେ କଫି ପିଇବା ପରେ ପେଟ ଜ୍ୱଳା, ଗ୍ୟାସ୍ କିମ୍ବା ପେଟ ଖରାପ ହେଉଛି, ତେବେ ଖାଦ୍ୟ ଖାଇବା ପରେ କଫି ପିଇବା ଭଲ । ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ, ବ୍ଲାକ୍ କଫିରେ ଚିନି କିମ୍ବା ଦୁଧ ନମିଶାଇ ପିଇଲେ ଏହାର କ୍ୟାଲୋରି କମ୍ ରହେ ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଲାଭ ଅଧିକ ମିଳିପାରେ। ଦିନକୁ ୨ରୁ ୩ କପ୍ ପର୍ଯ୍ୟନ୍ତ କଫି ଅନେକ ସୁସ୍ଥ ବୟସ୍କଙ୍କ ପାଇଁ ସାଧାରଣତଃ ଗ୍ରହଣଯୋଗ୍ୟ ହୋଇପାରେ, କିନ୍ତୁ ଏହା ବ୍ୟକ୍ତିଭେଦେ ଭିନ୍ନ ହୋଇଥାଏ । ତେଣୁ ବ୍ଲାକ୍ କଫିକୁ କୌଣସି ଚମତ୍କାରୀ ପାନୀୟ ବୋଲି ଭାବିବା ଉଚିତ ନୁହେଁ । ସୀମିତ ପରିମାଣରେ, ନିଜ ଶରୀରର ସ୍ଥିତି ଅନୁଯାୟୀ ଏବଂ ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶରେ ବ୍ଲାକ୍ କଫି ପିଇବା ହିଁ ସବୁଠାରୁ ସୁରକ୍ଷିତ ଉପାୟ ।

# ଓଜନ କମାଇବା ପାଇଁ ଔଷଧ ନା ସର୍ଜରୀ ? କେଉଁଟି ଅଧିକ ପ୍ରଭାବଶାଳୀ, ଜାଣନ୍ତୁ ....

ମୋଟାପଣ ଏବେ କେବଳ ସୌନ୍ଦର୍ଯ୍ୟର ପ୍ରସଙ୍ଗ ନୁହେଁ, ବରଂ ଏହା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା । ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ଜଟିଳ ରୋଗର ମୂଳ କାରଣ ହୋଇପାରେ ଅଧିକ ଓଜନ । ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି—ଓଜନ କମାଇବା ପାଇଁ ଔଷଧ ନେବା ଭଲ, ନା ବାରିଆଟ୍ରିକ୍ ସର୍ଜରୀ କରାଇବା ? ଜାଣନ୍ତୁ, କେଉଁ ପଦ୍ଧତି କେଉଁ ଲୋକଙ୍କ ପାଇଁ ଅଧିକ ଉପଯୁକ୍ତ । ବର୍ତ୍ତମାନ ସମୟରେ ଓଜନ କମାଇବା ପାଇଁ ନୂତନ ପିଢ଼ିର ଔଷଧ ବେଶ୍ ଚର୍ଚ୍ଚାରେ ରହିଛି । ଏହି ଔଷଧଗୁଡ଼ିକ ଭୋକ କମାଇବା, ପେଟ ଦୀର୍ଘ ସମୟ ଭରି ରହିବାର ଅନୁଭୂତି ଦେବା ଏବଂ କମ୍ କ୍ୟାଲୋରି ଖାଇବାରେ ସାହାଯ୍ୟ କରିଥାଏ । ତେବେ ଏହି ଔଷଧ କେବଳ ଡାକ୍ତରଙ୍କ ପରାମର୍ଶରେ ନେବା ଉଚିତ । ନିଜ ଇଚ୍ଛାରେ ଔଷଧ ବ୍ୟବହାର କଲେ ବାନ୍ତି, ବମି, ପେଟ ଯନ୍ତ୍ରଣା, ଝାଡ଼ା ଓ ଅନ୍ୟାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ । ଅନ୍ୟପକ୍ଷରେ ବାରିଆଟ୍ରିକ୍ ସର୍ଜରୀ ସାଧାରଣତଃ ସେହି ଲୋକଙ୍କ ପାଇଁ କରାଯାଏ, ଯେଉଁମାନଙ୍କର ମୋଟାପଣ ଅତ୍ୟଧିକ ଏବଂ ଖାଦ୍ୟ ନିୟନ୍ତ୍ରଣ, ବ୍ୟାୟାମ କିମ୍ବା ଔଷଧରେ ଆଶାକରା ଫଳ ମିଳୁନାହିଁ । ସର୍ଜରୀ ଦ୍ୱାରା ପେଟର ଆକାର କମାଯାଏ କିମ୍ବା ଖାଦ୍ୟ ଶୋଷଣ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ, ଯାହା ଫଳରେ ଦ୍ରୁତ ଓଜନ ହ୍ରାସ ହୋଇପାରେ । ତେବେ ଏହା ଏକ ବଡ଼ ଚିକିତ୍ସା ପ୍ରକ୍ରିୟା ହୋଇଥିବାରୁ ଡାକ୍ତରୀ ମୂଲ୍ୟାଙ୍କନ ପରେ ହିଁ ଏହାର ନିଷ୍ପତ୍ତି ନିଆଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଔଷଧ ଓ ସର୍ଜରୀ—ଉଭୟର ନିଜସ୍ୱ ସୁବିଧା ଓ ସୀମାବଦ୍ଧତା ରହିଛି। କେଉଁ ପଦ୍ଧତି ବାଛିବେ, ତାହା ବ୍ୟକ୍ତିଙ୍କ ଓଜନ, ବଡି ମାସ୍ ଇଣ୍ଡେକ୍ସ (ଇଗଓ), ବୟସ, ଅନ୍ୟାନ୍ୟ ରୋଗ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । କୌଣସି ପଦ୍ଧତି ମଧ୍ୟ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ଜୀବନଶୈଳୀର ପରିବର୍ତ୍ତନର ବିକଳ୍ପ ନୁହେଁ । ଓଜନ କମାଇବା ପାଇଁ ,ସର୍ଟକଟ୍ ବାଛିବା ପୂର୍ବରୁ ନିଶ୍ଚିତ ଭାବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ମନେରଖନ୍ତୁ, ସ୍ଥାୟୀ ଓ ସୁସ୍ଥ ଓଜନ ହ୍ରାସର ମୂଳମନ୍ତ୍ର ହେଉଛି ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ ପରିଶ୍ରମ ଏବଂ ସଠିକ୍ ଚିକିତ୍ସା ପରାମର୍ଶ ।

# କିଡନି ପଥରୀ କ'ଣ ? : କିଡ୍‌ନି ଷ୍ଟୋନ୍‌ର ଆଶଙ୍କା ବଢ଼ାଉଛି ଏହିସବୁ ଖାଦ୍ୟ

ଖାଦ୍ୟର ପ୍ରଭାବ ସିଧାସଳଖ ଭାବେ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ବଦଳୁଥିବା ଜୀବନଶୈଳୀ ଓ ଅସନ୍ତୁଳିତ ଖାଦ୍ୟାଭ୍ୟାସ କାରଣରୁ କିଡନି ଷ୍ଟୋନ୍ ବା ପଥରୀ ସମସ୍ୟା ଏବେ ସାଧାରଣ ହୋଇପଡ଼ିଛି। ଏହି ସମସ୍ୟା ହେଲେ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼େ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଭୁଲ ଖାଦ୍ୟାଭ୍ୟାସ ହିଁ ଏହାର ଏକ ପ୍ରମୁଖ କାରଣ ।ସେଥିପାଇଁ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରୀ।

କିଡ୍‌ନିରେ ଖଣିଜ ଓ ଲବଣ ଜମା ହୋଇ କଠିନ ପଦାର୍ଥରେ ପରିଣତ ହେଲେ ପଥରୀ ସୃଷ୍ଟି ହୁଏ। ଏହା ଛୋଟ ହୋଇପାରେ କିମ୍ବା ସମୟ ସହ ବଡ଼ ଆକାର ନେଇପାରେ,ଏବଂ ପରିସ୍ରା ସମୟରେ ତୀବ୍ର ଯନ୍ତ୍ରଣାର କାରଣ ହୋଇଥାଏ ।ଛୋଟ ପଥରୀ କ୍ଷେତ୍ରରେ ଔଷଧ ଦେଇ ପରିସ୍ରା ସହିତ ବାହାର କରିବାକୁ ଚେଷ୍ଟା କରାଯାଏ, କିନ୍ତୁ ବଡ଼ ପଥରୀ କ୍ଷେତ୍ରରେ ଅସ୍ତ୍ରୋପଚାରର ଆବଶ୍ୟକତା ହୋଇଥାଏ। କ୍ୟାଲସିୟମ ଅକ୍ସାଲେଟ, ୟୁରିକ ଆସିଡ୍, ଷ୍ଟ୍ରୁଭାଇଟ ଏବଂ ସିଷ୍ଟିନ ପଥରୀକୁ କିଡ୍‌ନି ପଥରୀର ସାଧାରଣ କାରଣ ଭାବେ ଗଣନା କରାଯାଏ। ବିଶେଷଜ୍ଞଙ୍କ ମତରେ କିଡ୍‌ନି ପଥରୀ ରୋଗୀ ପାଳଙ୍ଗ ଶାଗ, ବିଟ୍, ବାଦାମ, ଚକୋଲେଟ ଓ ଚା' ଭଳି ଅକ୍ସାଲେଟଯୁକ୍ତ ଖାଦ୍ୟ ଠାରୁ ନିବୃତ୍ତ ରହିବା ଉଚିତ। ସେହିପରି ଇନଷ୍ଟାଣ୍ଟ ନୁଡୁଲ୍ସ, ଚିପ୍ସ, ଫାଷ୍ଟ ଫୁଡ୍ ଓ ଅନ୍ୟ ପ୍ରୋସେସ୍‌ଡ ଖାଦ୍ୟ ସହିତ ରେଡ୍ ମିଟ୍ ଏବଂ ପଶୁଜାତ ପ୍ରୋଟିନ୍‌ର ଅଧିକ ସେବନ, ସଫ୍ଟ ଡ୍ରିଙ୍କ୍ସ, ଅଧିକ ଚିନିଯୁକ୍ତ, କ୍ୟାଫିନ୍ ଓ



ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କିଡ୍‌ନି ଷ୍ଟୋନ୍‌ରୁ ରକ୍ଷା ପାଇଁ ଦୈନିକ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଜରୁରୀ। ଯଦି ପଥରୀ ସମସ୍ୟା ପୂର୍ବରୁ ରହିଛି କିମ୍ବା ଯନ୍ତ୍ରଣା ବଢ଼ୁଛି, ତେବେ ତୁରନ୍ତ ୟୁରୋଲୋଜିଷ୍ଟ କିମ୍ବା କିଡନୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

# ଫ୍ରିଜରେ ନ ରଖି ବି କେମିତି ଫ୍ରେସ ରହିପାରିବ ଟମାଟୋ ? ଜାଣନ୍ତୁ ଉପାୟ...



ଟମାଟୋ ପ୍ରାୟ ପ୍ରତ୍ୟେକ ଭାରତୀୟ ରୋଷେଇ ଘରର ଏକ ଅତ୍ୟାବଶ୍ୟକ ଅଂଶ କହିଲେ ଭୁଲ ହେବ ନାହିଁ। ତରକାରୀଠାରୁ ସାଲାଡ ଏବଂ ଚଟଣି ପର୍ଯ୍ୟନ୍ତ, ଅନେକ ଖାଦ୍ୟ ଏହା ବିନା ଅସମ୍ପୂର୍ଣ୍ଣ ମନେହୁଏ। କିନ୍ତୁ ବେଳେବେଳେ, ବହୁ ପରିମାଣର ଟମାଟୋ କିଣିବା ପରେ, କିଛି ଦିନ ମଧ୍ୟରେ ସେଗୁଡ଼ିକ ଖରାପ ହେବାକୁ ଆରମ୍ଭ କରନ୍ତି। ତେଣୁ, ଅଧିକାଂଶ ଲୋକ ସେଗୁଡ଼ିକୁ ଫ୍ରିଜରେ ରଖନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଫ୍ରିଜରେ ଟମାଟୋକୁ ସତେଜ ରଖିବାର ସର୍ବୋତ୍ତମ ଉପାୟ ନୁହେଁ?

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଫ୍ରିଜରେ ଟମାଟୋ ରଖିବା ସେମାନଙ୍କର ପ୍ରାକୃତିକ ସ୍ୱାଦକୁ ପ୍ରଭାବିତ କରିପାରେ। ଥଣ୍ଡା ତାପମାତ୍ରା ଟମାଟୋ ପାଚିବା ପ୍ରକ୍ରିୟାକୁ ବନ୍ଦ କରିଦିଏ। ତେଣୁ, ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ନଥାଏ, ତେବେ ସେଗୁଡ଼ିକୁ କୋଠରୀ ତାପମାତ୍ରାରେ ରଖିବା ସର୍ବୋତ୍ତମ। ଟମାଟୋକୁ ଦୀର୍ଘ ସମୟ ପାଇଁ ସତେଜ ରଖିବାର ଏକ ସହଜ ଉପାୟ ହେଉଛି ସେଗୁଡ଼ିକର ଉପରପାର୍ଶ୍ୱ ତଳକୁ ରଖିବା ଉଚିତ। ଖାଦ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଟମାଟୋରେ ଥିବା ଅଧିକାଂଶ ଆର୍ଦ୍ରତା ଉପରୁ ବାଷ୍ପୀଭୂତ ହୋଇଯାଏ। ଯେତେବେଳେ ଟମାଟୋକୁ ତଳକୁ ରଖି ସଂରକ୍ଷଣ କରାଯାଏ, ସେତେବେଳେ ଆର୍ଦ୍ରତା ହ୍ରାସକୁ କମ୍ କରାଯାଏ, ଯାହାଦ୍ୱାରା ଟମାଟୋ ଅଧିକ ସମୟ ତାଜା ରୁହନ୍ତି ।

ଯଦି ଆପଣ ସ୍ଥାନ ସୀମିତ, ତେବେ ଆଉ ଏକ ସରଳ ସମାଧାନ ହେଉଛି ଟମାଟୋର ଉପର ଭାଗକୁ ଟେପରେ ହାଲୁକା ଭାବରେ ଘୋଡାଇ ରଖନ୍ତୁ। ଏହା ଆର୍ଦ୍ରତା ହ୍ରାସକୁ ମଧ୍ୟ ଧୀର କରିଥାଏ ଏବଂ ଟମାଟୋକୁ ଶୀଘ୍ର ଶୁଖିବାକୁ କିମ୍ବା ସଂକୁଚିତ ହେବାକୁ ଦିଏ ନାହିଁ। କିଛି ପରୀକ୍ଷାରୁ ଏହି ପଦ୍ଧତିଟି ଟମାଟୋକୁ କିଛି ଦିନ ପାଇଁ ସତେଜ ରଖିବାର ପ୍ରମାଣ ମିଳିଛି। ଟମାଟୋ ସଂରକ୍ଷଣ କରିବା ସମୟରେ, ସେମାନଙ୍କୁ ସିଧାସଳଖ ସୂର୍ଯ୍ୟ କିରଣରୁ ଦୂରରେ ରଖିବା ନିଶ୍ଚିତ କରନ୍ତୁ। ଅତ୍ୟଧିକ ଗରମ କିମ୍ବା ସୂର୍ଯ୍ୟ କିରଣ ଟମାଟୋକୁ ଶୀଘ୍ର ନରମ କରିପାରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କଦଳୀ ଏବଂ ସେଓ ପରି ଫଳରୁ ଟମାଟୋକୁ ଦୂରରେ ରଖିବା। ଏହି ଫଳଗୁଡ଼ିକ ଇଥିଲିନ୍ ଗ୍ୟାସ୍ ମୁକ୍ତ କରନ୍ତି, ଯାହା ଟମାଟୋର ପାଚିବା ଏବଂ ନଷ୍ଟ ହେବା ପ୍ରକ୍ରିୟା ତ୍ୱରାନ୍ୱିତ କରିପାରେ। ଏହା ସହିତ, ଆପଣ ସେଗୁଡ଼ିକୁ ବ୍ୟବହାର କରିବାକୁ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଟମାଟୋ ଧୋଇବେ ନାହିଁ। ଅତ୍ୟଧିକ ଆର୍ଦ୍ରତା ଯୋଗୁଁ ଏହା ପଚିପାରେ।

ଯଦି ଟମାଟୋ ସମ୍ପୂର୍ଣ୍ଣ ପାଚି ଯାଇଛି ଏବଂ ଆପଣ ସେଗୁଡ଼ିକୁ ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ବ୍ୟବହାର କରିବେ ନାହିଁ, ତେବେ ସେଗୁଡ଼ିକୁ ଫ୍ରିଜରେ ରଖିବା ଭଲ। ତଥାପି, ଖାଇବାର ପ୍ରାୟ ଅଧ ଘଣ୍ଟା ପୂର୍ବରୁ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଯାହା ଦ୍ୱାରା ତାହାର ସ୍ୱାଦ ସେଭଳି ହିଁ ରହିବ।

# ଆବଶ୍ୟକତାଠାରୁ ଶରୀରରେ ଅଧିକ ଭିଟାମିନ-ଡି ଥିଲେ ହୋଇପାରେ ଘାତକ

ଭିଟାମିନ୍-ଡି ଆମ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ପୋଷକ ତତ୍ତ୍ୱ। ଏହା ହାଡ଼ ଓ ଦାନ୍ତକୁ ଶକ୍ତ ରଖିବା ସହ ଶରୀରରେ କ୍ୟାଲସିୟମ୍‌ର ଠିକ୍ ଶୋଷଣରେ ସହାୟତା କରିଥାଏ। ସୂର୍ଯ୍ୟକିରଣ, କିଛି ଖାଦ୍ୟ ଓ ଔଷଧ ମାଧ୍ୟମରେ ଶରୀର ଭିଟାମିନ୍-ଡି ପାଇଥାଏ। କିନ୍ତୁ ଆଜିକାଲି ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ବିନା ଭିଟାମିନ୍-ଡି ସପ୍ଲିମେଣ୍ଟ ଖାଉଛନ୍ତି, ଯାହା ପରବର୍ତ୍ତୀ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଶରୀରରେ ଆବଶ୍ୟକତାଠାରୁ ଅଧିକ ଭିଟାମିନ୍-ଡି ଜମା ହେଲେ ରକ୍ତରେ କ୍ୟାଲସିୟମ୍‌ର ପରିମାଣ ବଢ଼ିଯାଏ। ଏହି ଅବସ୍ଥାକୁ 'ହାଇପରକ୍ୟାଲସିମିଆ' ବୋଲି କୁହାଯାଏ। ରକ୍ତରେ ଅଧିକ କ୍ୟାଲସିୟମ୍ ରହିଲେ ତାହା ହୃଦୟ, ରକ୍ତନଳୀ, ବୃକ୍କ ଓ ଅନ୍ୟାନ୍ୟ ଅଙ୍ଗରେ ଜମା ହୋଇ ଶରୀରର ସାଧାରଣ କାର୍ଯ୍ୟକୁ ବାଧା ଦେଇପାରେ। ଡାକ୍ତରମାନଙ୍କ ମତରେ, ଅତ୍ୟଧିକ ଭିଟାମିନ୍-ଡି ସେବନ କରିଲେ ବୃକ୍କରେ ପଥର ସୃଷ୍ଟି ହେବା, ବୃକ୍କର କାର୍ଯ୍ୟକ୍ଷମତା କମିଯିବା ଏବଂ ଗୁରୁତର କ୍ଷେତ୍ରରେ ବୃକ୍କ ବିଫଳ ହେବା ପର୍ଯ୍ୟନ୍ତ ସମସ୍ୟା ଦେଖାଦେଇପାରେ। ସେହିପରି ହୃଦୟର ସ୍ପନ୍ଦନ ଅସ୍ୱାଭାବିକ ହେବା, ରକ୍ତନଳୀ କଠିନ ହେବା ଓ ହୃଦୟ ଉପରେ ଅତିରିକ୍ତ ଚାପ ପଡ଼ିବାର ଆଶଙ୍କା ମଧ୍ୟ ରହିଥାଏ। ଏହାର ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି ଲାଗିବା, ଭୋକ କମିଯିବା, ଅଧିକ ତୃଷା ଲାଗିବା, ବାରମ୍ବାର ପରିସ୍ରା ହେବା, ଦୁର୍ବଳ ଅନୁଭବ କରିବା, ଥକାପଣ ଓ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଅନେକ ସମୟରେ ଲୋକମାନେ ଏହି ଲକ୍ଷଣକୁ ସାଧାରଣ ବୋଲି ଭାବି ଅବହେଳା କରିଦିଅନ୍ତି, ଯାହା ପରେ ବଡ଼ ସମସ୍ୟାର ରୂପ ନେଇପାରେ। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ, ଭିଟାମିନ୍-ଡିର ଅଭାବ ଅଛି କି ନାହିଁ ତାହା ରକ୍ତ ପରୀକ୍ଷା ମାଧ୍ୟମରେ ଜାଣିବା ଉଚିତ। ପରୀକ୍ଷା ଓ ଡାକ୍ତରୀ ପରାମର୍ଶ ବିନା ଦୀର୍ଘ ସମୟ ଧରି ଭିଟାମିନ୍-ଡି ଔଷଧ କିମ୍ବା ସପ୍ଲିମେଣ୍ଟ ସେବନ କରିବା ଉଚିତ ନୁହେଁ। ଭିଟାମିନ୍-ଡି ଶରୀର ପାଇଁ ଉପକାରୀ ହୋଇଥିଲେ ମଧ୍ୟ ଏହାର ଅତ୍ୟଧିକ ବ୍ୟବହାର ହୃଦୟ ଓ ବୃକ୍କ ପାଇଁ ବିପଦ ଡାକି ଆଣିପାରେ।

# ବିଶ୍ୱ ତାପନର ନୂଆ ଶିକାର ୟୁରୋପ୍

ବିଗତ କିଛି ବର୍ଷ ଧରି ପାଣିପାଗର ଚରମ ଅବସ୍ଥା ପାଶ୍ଚାତ୍ୟ ଜଗତ ପାଇଁ ଏକ ଦୂରବର୍ତ୍ତୀ ସଙ୍କଟ ଭଳି ମନେ ହେଉଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ ୟୁରୋପରେ ଦେଖାଦେଇଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ଉତ୍ତାପ ଲହରୀ ବୈଜ୍ଞାନିକମାନଙ୍କର ସେହି ପୁରୁଣା ଚେତାବନୀକୁ ସତ୍ୟ ପ୍ରମାଣିତ କରିଛି ଯେ, ଜଳବାୟୁ ପରିବର୍ତ୍ତନ ହେଉଛି ଏକ ପରସ୍ପର ସହ ଜଡ଼ିତ ଗ୍ରହ ସ୍ତରୀୟ ଜରୁରୀକାଳୀନ ପରିସ୍ଥିତି ବା ପ୍ଲାନେଟାରୀ ଇମର୍ଜେନ୍ସି । ବିକାଶଶୀଳ ଦେଶଗୁଡ଼ିକ ବାହାରେ ଥିବା ଲୋକମାନେ ବିଶ୍ୱ ତାପନ ବା ଗ୍ଲୋବାଲ୍ ୱାର୍ମିଂର ପ୍ରଭାବକୁ ତୀବ୍ର ଭାବରେ ଅନୁଭବ କରିବାର ମାତ୍ର ଏକ ଦଶନ୍ଧି ବିତିଛି । ୟୁରୋପରେ ୨୦୧୯, ୨୦୨୨, ୨୦୨୩ ଏବଂ ୨୦୨୪ ମସିହାର ଗ୍ରୀଷ୍ମ ଋତୁରେ ତାପମାତ୍ରାର ସମସ୍ତ ରେକର୍ଡ ଭାଙ୍ଗିଯାଇଥିଲା । ଚଳିତ ୨୦୨୬ ବର୍ଷରେ ମଧ୍ୟ ଏହି ଉତ୍ତପ୍ତ ପାଣିପାଗ ସମଗ୍ର ମହାଦେଶର ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ସାବ୍ୟସ୍ତ ହୋଇଛି । ଫ୍ରାନ୍ସ, ବ୍ରିଟେନ୍, ସ୍ପେନ୍, ପର୍ତ୍ତୁଗାଲ୍, ବେଲଜିୟମ୍, ନେଦରଲ୍ୟାଣ୍ଡ ଏବଂ ଜର୍ମାନୀ ଭଳି ଅନେକ ଦେଶରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ହୋଇଯାଇଛି । ଫ୍ରାନ୍ସ ଏବଂ ୟୁରୋପର ଅନ୍ୟାନ୍ୟ ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି, ସ୍କୁଲଗୁଡ଼ିକ ବନ୍ଦ ରହିଛି, ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି ଏବଂ ସ୍ୱାସ୍ଥ୍ୟ ସେବା ଉପରେ ପ୍ରବଳ ଚାପ ପଡ଼ିଛି । ଉତ୍ତାପରୁ ରକ୍ଷା ପାଇବା ପାଇଁ ନଦୀ ଏବଂ କେନାଲରେ ଡେଇଁପଡ଼ି ଫ୍ରାନ୍ସରେ ଲୋକଙ୍କର ବୁଡ଼ି ମୃତ୍ୟୁବରଣ କରିବା ଘଟଣା ଏହି ସଙ୍କଟର ଭୟାବହତାକୁ ସୂଚାଉଛି । ଏହା ପ୍ରମାଣ କରୁଛି ଯେ ଆଧୁନିକ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରକୃତିର କରାଳ ରୂପ ସାମ୍ନାରେ ବିକଶିତ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅସହାୟ ।

ବିଶ୍ୱ ପାଣିପାଗ ସଂଗଠନ (WMO) ଏବଂ ୟୁରୋପୀୟ ୟୁନିଅନର ଜଳବାୟୁ ଏଜେନ୍ସି 'କୋପରନିକସ୍'ର ମିଳିତ ରିପୋର୍ଟ ଅନୁଯାୟୀ, ୟୁରୋପ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଉତ୍ତପ୍ତ ହେଉଥିବା ମହାଦେଶ । ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ତୁଳନାରେ ୟୁରୋପର ତାପମାତ୍ରା ଦ୍ୱିଗୁଣିତ ହାରରେ ବୃଦ୍ଧି ପାଉଛି । ପ୍ରାକ୍-ଶିଳ୍ପ ସ୍ତର ତୁଳନାରେ ବର୍ତ୍ତମାନ ୟୁରୋପର ତାପମାତ୍ରା ୨.୩ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୧.୨ ରୁ ୧.୩ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ଅଛି । ଏହି ଅତ୍ୟଧିକ ତାପମାତ୍ରା ପଛରେ ଥିବା ମୁଖ୍ୟ ବୈଜ୍ଞାନିକ କାରଣ ହେଉଛି ଏକ ଅବରୁଦ୍ଧ ଉଚ୍ଚ-ଚାପ ପ୍ରଣାଳୀ ବା ବ୍ଲକଡ୍ ହାଇ-ପ୍ରେସର୍ ସିଷ୍ଟମ୍, ଯାହା ସାହାରା ମରୁଭୂମିରୁ ଉଷ୍ମ ବାୟୁ ଆଣି ୟୁରୋପ ଉପରେ ଆବଦ୍ଧ କରିଦେଉଛି । ଯଦିଓ ଏହା ୟୁରୋପୀୟ ଗ୍ରୀଷ୍ମ ଋତୁରେ ସମ୍ପୂର୍ଣ୍ଣ ଅସ୍ୱାଭାବିକ ନୁହେଁ, ତଥାପି ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ପ୍ରକ୍ରିୟା ବାରମ୍ବାର ଏବଂ ଅଧିକ ତୀବ୍ର ରୂପ ଧାରଣ କରୁଛି । ଏହାର ପରିଣାମ ସ୍ୱରୂପ କେବଳ ଉତ୍ତାପ ବଢୁନାହିଁ, ବରଂ ଜଳବାୟୁର ସନ୍ତୁଳନ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି, ଯାହାଦ୍ୱାରା ଲୋକମାନଙ୍କର ଦୈନନ୍ଦିନ ଜୀବନଯାପନ ଅସମ୍ଭବ ହୋଇପଡୁଛି ।

ଏହି ଅତ୍ୟଧିକ ତାପମାତ୍ରା କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ବ୍ୟାପକ ମାନବୀୟ କ୍ଷତି ମଧ୍ୟ ଘଟାଉଛି । ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲଥ୍ (ISGlobal) ଦ୍ୱାରା ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ, କେବଳ ୨୦୨୨ ରୁ ୨୦୨୪ ମସିହା ମଧ୍ୟରେ ୟୁରୋପରେ ଉତ୍ତାପ ଜନିତ କାରଣରୁ ପ୍ରାୟ ୧,୮୧,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା । କେବଳ ୨୦୨୪ ମସିହା ଗ୍ରୀଷ୍ମ ଋତୁରେ ୬୨,୭୦୦ ରୁ ଅଧିକ ଲୋକ ଉତ୍ତାପ ଯୋଗୁଁ ପ୍ରାଣ ହରାଇଥିଲେ, ଯାହାକି ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ଥିଲା । ବୈଜ୍ଞାନିକ ତଥ୍ୟଗୁଡ଼ିକୁ ଅଧିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ଗ୍ରୀଷ୍ମ ପ୍ରବାହ ସମାଜର ଦୁର୍ବଳ ବର୍ଗଙ୍କୁ ଅଧିକ ମାତ୍ରାରେ ଶିକାର କରୁଛି । ଅଧ୍ୟୟନ ଅନୁଯାୟୀ, ଉତ୍ତାପ ଜନିତ ମୃତ୍ୟୁ ହାର ମହିଳା ଏବଂ ବୟସ୍କ ଲୋକଙ୍କ କ୍ଷେତ୍ରରେ ସର୍ବାଧିକ ରହିଛି । ପରିସଂଖ୍ୟାନ ଦର୍ଶାଉଛି ଯେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କର ମୃତ୍ୟୁ ହାର ପ୍ରାୟ ୪୬.୭ ପ୍ରତିଶତ ଅଧିକ ରହିଥିବା ବେଳେ, ୭୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏହି ହାର ଅନ୍ୟ ବୟସ ବର୍ଗ ତୁଳନାରେ ୩୨୩ ପ୍ରତିଶତ ଅଧିକ ରହିଛି । ବାହାରେ କାମ କରୁଥିବା ଶ୍ରମିକ ଏବଂ କ୍ରୋନିକ୍ ରୋଗରେ ପୀଡ଼ିତ ଲୋକମାନେ ମଧ୍ୟ ଅତ୍ୟଧିକ ବିପଦରେ ଅଛନ୍ତି । ଏହି ତଥ୍ୟ ପ୍ରମାଣ କରୁଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ ଏବଂ ସ୍ୱାସ୍ଥ୍ୟଗତ ସଙ୍କଟ ।

ଏହି ପରିସ୍ଥିତି ୟୁରୋପୀୟ ଭିତ୍ତିଭୂମିର ଏକ ବଡ଼ ଦୁର୍ବଳତାକୁ ପଦାରେ ପକାଇଛି । ୟୁରୋପର ଅଧିକାଂଶ ଅଟ୍ଟାଳିକା ଏବଂ ଭିତ୍ତିଭୂମି ଶୀତ ଦିନେ ଉଷ୍ମତା ବଜାୟ ରଖିବା ପାଇଁ ଡିଜାଇନ୍ କରାଯାଇଛି, ଉତ୍ତାପକୁ ପ୍ରତିହତ କରିବା ପାଇଁ ନୁହେଁ । ତେଣୁ, ୟୁରୋପର ବିଭିନ୍ନ ପୌରପାଳିକା ବର୍ତ୍ତମାନ କୁଲିଂ ସେଣ୍ଟର ସ୍ଥାପନ, ସବୁଜିମା ଅଞ୍ଚଳର ସମ୍ପ୍ରସାରଣ, ଅଟ୍ଟାଳିକାଗୁଡ଼ିକର ପୁନଃନିର୍ମାଣ, ହିଟ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଆଲୋଚନା କରୁଛନ୍ତି । ଏହି ଉତ୍ତାପର ପ୍ରଭାବ କେବଳ ମାନବ ସ୍ୱାସ୍ଥ୍ୟ ଉପରେ ସୀମିତ ନୁହେଁ, ବରଂ ଏହା ଅର୍ଥନୀତି, କୃଷି ଏବଂ ପରିବେଶ ଉପରେ ମଧ୍ୟ ବ୍ୟାପକ କ୍ଷତି ପହଞ୍ଚାଉଛି । ବର୍ଦ୍ଧିତ ତାପମାତ୍ରା କାରଣରୁ ମାଟିର ଆର୍ଦ୍ରତା ରେକର୍ଡ ସ୍ତରକୁ ଖସିଆସିଛି, ଯାହା କୃଷି ଉତ୍ପାଦନକୁ ଗୁରୁତର ଭାବରେ ପ୍ରଭାବିତ କରୁଛି ଏବଂ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ତେବେ ଏହି ସଙ୍କଟ ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖାଦେଇଛି । ୟୁରୋପରେ ସ୍ୱଚ୍ଛ ଶକ୍ତି ବା ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଛି । ତଥ୍ୟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ୟୁରୋପରେ ପବନ ଏବଂ ସୌର ଶକ୍ତି ମାଧ୍ୟମରେ ଉତ୍ପାଦିତ ବିଦ୍ୟୁତ୍ ପ୍ରଥମ ଥର ପାଇଁ ଜୀବାଶ୍ମ ଇନ୍ଧନ ବା ଫସିଲ୍ ଫୁଏଲ୍ ଠାରୁ ଅଧିକ ହୋଇଛି । କିନ୍ତୁ କେବଳ ଅନୁକୂଳନ ବା ଆଡାପ୍ଟେସନ୍ ସମସ୍ୟାର ଗୋଟିଏ ଦିଗକୁ ସମାଧାନ କରେ । ପ୍ରକୃତ ସମସ୍ୟା ହେଉଛି ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ, ଯାହାକୁ କମ୍ ନକଲେ ସ୍ଥାୟୀ ସମାଧାନ ଅସମ୍ଭବ ।

ଯଦି ଆମେ ଏହି ସଙ୍କଟକୁ ଏକ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବା, ତେବେ ଏହା ସ୍ପଷ୍ଟ ହେବ ଯେ ୟୁରୋପର ଏହି ଦୁର୍ଦ୍ଦଶା ସମଗ୍ର ବିଶ୍ୱ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ବା ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି । ୟୁରୋପ ଭଳି ଏକ ଧନୀ ଏବଂ ବିକଶିତ ମହାଦେଶ ଯଦି ଅତ୍ୟଧିକ ଉତ୍ତାପର ମୁକାବିଲା କରିବାରେ ଏତେ ସଂଘର୍ଷ କରୁଛି, ତେବେ ସୀମିତ ସମ୍ବଳ ଥିବା ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଅବସ୍ଥା କଣ ହେବ ତାହା ସହଜରେ ଅନୁମେୟ । ଐତିହାସିକ ଭାବରେ, ବିକଶିତ ଦେଶଗୁଡ଼ିକ ଶିଳ୍ପ ବିପ୍ଳବ ପରଠାରୁ ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ କରିଛନ୍ତି, ଯାହାର ଫଳସ୍ୱରୂପ ଆଜିର ଜଳବାୟୁ ସଙ୍କଟ ଉପୁଜିଛି । କିନ୍ତୁ ଏହାର ସବୁଠାରୁ ଭୟଙ୍କର ପରିଣାମ ବିକାଶଶୀଳ ଦେଶଗୁଡ଼ିକୁ ଭୋଗିବାକୁ ପଡୁଛି । ଅଧିକାଂଶ ୟୁରୋପୀୟ ଦେଶ ନେଟ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନଗଣ୍ୟ ସ୍ତରକୁ କମାଇବା ପାଇଁ ପଦକ୍ଷେପ ନେଇଛନ୍ତି ସତ, ତଥାପି ସେମାନଙ୍କର ଅନେକ ଯୋଜନା ସ୍ୱଳ୍ପ-ମିଆଦୀ ଉତ୍ତରଦାୟିତ୍ୱ କ୍ଷେତ୍ରରେ ଅସ୍ପଷ୍ଟ ଥିବାରୁ ସମାଲୋଚିତ ହୋଇଛି । ବିଶ୍ୱ ତାପନ ପ୍ରଶମନରେ ବିଳମ୍ବ ସମଗ୍ର ବିଶ୍ୱ ଉପରେ ଏକ ବଡ଼ ବୋଝ ଲଦିଦେଉଛି ଏବଂ ଏହା କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏକ ଜଳବାୟୁ ନ୍ୟାୟର ପ୍ରସଙ୍ଗ ପାଲଟିଛି ।

ଏହି ପରିପ୍ରେକ୍ଷୀରେ ଜଳବାୟୁ ଅର୍ଥବ୍ୟବସ୍ଥା ବା କ୍ଲାଇମେଟ୍ ଫାଇନାନ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ୨୦୦୯ ମସିହାରେ କୋପେନହେଗେନ୍ ଠାରେ ଅନୁଷ୍ଠିତ ଜଳବାୟୁ ସମ୍ମିଳନୀରେ ବିକଶିତ ଦେଶଗୁଡ଼ିକ ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ବାର୍ଷିକ ୧୦୦ ବିଲିୟନ୍ ଡଲାର୍ ପ୍ରଦାନ କରିବେ । ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ୍ ଆଣ୍ଡ ଡେଭେଲପମେଣ୍ଟ (OECD) ର ତଥ୍ୟ ଅନୁଯାୟୀ, ଏହି ଲକ୍ଷ୍ୟ ଦୁଇ ବର୍ଷ ବିଳମ୍ବରେ, ଅର୍ଥାତ୍ ୨୦୨୨ ମସିହାରେ ହାସଲ ହୋଇଥିଲା, ଯେଉଁଥିରେ ପ୍ରାୟ ୧୧୫.୯ ବିଲିୟନ୍ ଡଲାର୍ ସଂଗ୍ରହ କରାଯାଇଥିଲା । ୟୁରୋପୀୟ ୟୁନିଅନ୍ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୨୪ ମସିହାରେ ଜଳବାୟୁ ପାଣ୍ଠି ଭାବରେ ପ୍ରାୟ ୩୧.୭ ବିଲିୟନ୍ ୟୁରୋ (ପାଖାପାଖି ୩୪.୩ ବିଲିୟନ୍ ଡଲାର) ଯୋଗାଇ ଦେଇଛନ୍ତି । ତଥାପି, ଏହି ପାଣ୍ଠିର ଗୁଣବତ୍ତା ଏବଂ ବଣ୍ଟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଦାନ କରାଯାଉଥିବା ଅର୍ଥର ଏକ ବଡ଼ ଅଂଶ ଅନୁଦାନ ବା ଗ୍ରାଣ୍ଟ ପରିବର୍ତ୍ତେ ଋଣ ଆକାରରେ ଦିଆଯାଉଛି । ଏହା ଫଳରେ ଗରିବ ଦେଶଗୁଡ଼ିକ ଉପରେ ଋଣର ବୋଝ ବଢ଼ିବାରେ ଲାଗିଛି । ଏହାବ୍ୟତୀତ, ଅଧିକାଂଶ ଅର୍ଥ ପ୍ରଶମନ ବା କାର୍ବନ କମାଇବା ପ୍ରକଳ୍ପରେ ଖର୍ଚ୍ଚ ହେଉଥିବା ବେଳେ ଅନୁକୂଳନ ପାଇଁ ଆବଶ୍ୟକ ଥିବା ପାଣ୍ଠି ଯଥେଷ୍ଟ ନୁହେଁ । ଆଗାମୀ ଦିନରେ ନୂତନ ସାମୂହିକ ପରିମାଣାତ୍ମକ ଲକ୍ଷ୍ୟ (NCQG) ଧାର୍ଯ୍ୟ କରାଯିବାକୁ ଥିବା ବେଳେ ବିକଶିତ ଦେଶଗୁଡ଼ିକୁ କେବଳ ଆର୍ଥିକ ଲକ୍ଷ୍ୟ ପୂରଣ କରିବାକୁ ପଡ଼ିବ ନାହିଁ, ବରଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ କ୍ଷମତା ବିକାଶ କ୍ଷେତ୍ରରେ ମଧ୍ୟ ସହଯୋଗ କରିବାକୁ ପଡ଼ିବ ।

ୟୁରୋପର ସାମ୍ପ୍ରତିକ ଉତ୍ତାପ ସଙ୍କଟ ଏହାର ନୀତି ନିର୍ଦ୍ଧାରକମାନଙ୍କୁ ଏକ ସ୍ପଷ୍ଟ ଚେତାବନୀ ଦେବା ଉଚିତ୍ ଯେ ପ୍ରତ୍ୟେକ ଅପୂରଣୀୟ ଜଳବାୟୁ ପ୍ରତିଶ୍ରୁତି ଭବିଷ୍ୟତର ଗ୍ରୀଷ୍ମ ପ୍ରବାହକୁ ଆହୁରି ବିପଜ୍ଜନକ କରିଥାଏ । ପରିବେଶର ସନ୍ତୁଳନ ରକ୍ଷା କରିବା କୌଣସି ଗୋଟିଏ ଦେଶ ବା ମହାଦେଶର ଦାୟିତ୍ୱ ନୁହେଁ, ବରଂ ଏହା ସମଗ୍ର ମାନବ ଜାତିର ସାମୂହିକ କର୍ତ୍ତବ୍ୟ । ୟୁରୋପରେ ତରଳୁଥିବା ଗ୍ଲେସିୟର, ଶୁଖିଯାଉଥିବା ନଦୀ, ବ୍ୟାପୁଥିବା ଜଙ୍ଗଲ ନିଆଁ ଏବଂ ଉତ୍ତାପ ଜନିତ ହଜାର ହଜାର ମୃତ୍ୟୁ ପ୍ରମାଣ କରୁଛି ଯେ ପ୍ରକୃତି ସହ ଖେଳିବାର ପରିଣାମ କେତେ ଭୟଙ୍କର ହୋଇପାରେ । ଯଦି ଆମେ ଏବେ ବି ସଚେତନ ନହେବା ଏବଂ କେବଳ ଖାଲି ପ୍ରତିଶ୍ରୁତିରେ ସମୟ ନଷ୍ଟ କରିବା, ତେବେ ଆଗାମୀ ପିଢ଼ି ପାଇଁ ଏହି ପୃଥିବୀ ବାସଯୋଗ୍ୟ ହୋଇ ରହିବ ନାହିଁ । ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ପାଇଁ ଉଚ୍ଚାଭିଳାଷୀ ପଦକ୍ଷେପ ଗ୍ରହଣ କରିବା ଯେତିକି ଜରୁରୀ, ବିକାଶଶୀଳ ଦେଶଗୁଡ଼ିକ ପ୍ରତି ୟୁରୋପ ନିଜର ଆର୍ଥିକ ଏବଂ ବୈଷୟିକ ପ୍ରତିଶ୍ରୁତି ପୂରଣ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ, ବିଶ୍ୱ ସମୁଦାୟ, ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ ନିଜର ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ଦୃଢ଼, ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ ଲଢ଼େଇ ଆରମ୍ଭ କରିବା ନିତାନ୍ତ ଆବଶ୍ୟକ ।



# ଡେଙ୍ଗୁର ଟୀକାକରଣକୁ ସ୍ୱୀକୃତି

**ଡା. ରାଜକିଶୋର ପଣ୍ଡା**

ଗୋଟିଏ ସମୟ ଥିଲା, ଯେତେବେଳେ ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପୁଥିବା ସେହି ରୋଗଥିଲା, ଯାହାକୁ ଅଧିକାଂଶ ଭାରତୀୟ ଭୟ କରୁଥିଲେ । ଏହାର ବିପରୀତରେ ଡେଙ୍ଗୁକୁ କମ୍ ପ୍ରଚଳିତ ଓ ଭୟାବହ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ଏହି ସ୍ଥିତି ବର୍ତ୍ତମାନ ନାଟକୀୟ ଭାବରେ ବଦଳି ଯାଇଛି । ବିଗତ ଦୁଇ ଦଶକରେ ଡେଙ୍ଗୁ ଭାରତ ଓ ଅନ୍ୟାନ୍ୟ ସ୍ଥାନରେ କ୍ଷିପ୍ରତାର ସହ ବ୍ୟାପିଛି । ଏବେ ଜ୍ୱର ହେବା, ହସ୍ପିଟାଲରେ ଭର୍ତ୍ତି ଭଳି ପରିସ୍ଥିତି ସୃଷ୍ଟି, ଏପରିକି ମୃତ୍ୟୁ ମଧ୍ୟ ଘଟିତ ହେବାର ଏକ ପ୍ରମୁଖ କାରଣ ପାଲଟିଛି "ଡେଙ୍ଗୁ" ବିଶେଷ କରି ମୌସୁମୀ ସମୟରେ । ଏହା ପରେ ମଧ୍ୟ ମ୍ୟାଲେରିଆ ପାଇଁ ପ୍ରଭାବଶାଳୀ ଔଷଧ ରହିଛି, କିନ୍ତୁ ଡେଙ୍ଗୁ ପାଇଁ କୌଣସି ଆଣ୍ଟିଭାଇରାଲ୍ ଉପଲବ୍ଧ ନାହିଁ ।

ଡେଙ୍ଗୁ ଏକ ମଶାର କାମୁଡ଼ିବା ଦ୍ୱାରା ହୋଇଥାଏ । ଏହି ମଶାଟି ହେଉଛି "ମାଇ ଏଡିସ୍"(Female aedes muosquito) । ଏଡିସ୍ ମଶାରେ ଥାଏ ଏହି ରୋଗକୁ ସୃଷ୍ଟି କରୁଥିବା ଭୂତାଣୁ (Virus) ଯାହାକୁ କୁହାଯାଏ 'ଡେଙ୍ଗୁ ଭାଇରସ୍' । ଏହି ଭାଇରସ୍‌ର ଚାରୋଟି ପ୍ରଜାତି ଅଛନ୍ତି । ସେମାନେ ହେଉଛନ୍ତି ଡେନଭି-୧, ଡେନଭି-୨, ଡେନଭି-୩ ଓ ଡେନଭି-୪ । ଆସ୍ୱସ୍ତିର କଥା ହେଉଛି କି ଭାରତର ଔଷଧ ନିୟନ୍ତ୍ରକ ବିଭାଗ ଏବେ ନିକଟରେ ଦେଶର ପ୍ରଥମ ଡେଙ୍ଗୁ ନିରୋଧ ଟୀକାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଟୀକାଟିର ନାମ ହେଉଛି କ୍ୟୁଡେଙ୍ଗା(QDENGA) । ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତିକୁ ପ୍ରତିରୋଧ କରିପାରିବା ଲକ୍ଷ୍ୟନେଇ ଏହାକୁ ପ୍ରସ୍ତୁତ କରାଯାଇଛି । ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି ଷାଠିଏ ବର୍ଷ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କୁ ସେମାନେ ପୂର୍ବରୁ ଡେଙ୍ଗୁ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ଏହି ଟୀକାଟି ଦିଆ ଯାଇପାରିବ । ବିଶ୍ୱବ୍ୟାପୀ ଚାଳିଶରୁ ଅଧିକ ଦେଶ କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ କରିସାରିଲେଣି । ଏହାକୁ ନିର୍ମାଣ କରିଛି ଜାପାନର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ "ଟାକେଡା" । ଅନୁମାନ କରାଯାଉଛି କି ବିଶ୍ୱବ୍ୟାପୀ ଦେଖାଯାଉଥିବା ଡେଙ୍ଗୁ ମାମଲାର ଏକ ତୃତୀୟାଂଶ ଭାରତରେ ହୋଇଥାଏ । ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫ରେ ଭାରତରେ ପାଖାପାଖି ଏକଲକ୍ଷ କୋଡ଼ିଏ ହଜାର ଡେଙ୍ଗୁ ମାମଲା ଓ ଏଥିଯୋଗୁଁ ଏକଶହ ଏକତିରିଶଟି ମୃତ୍ୟୁ ପଞ୍ଜୀକୃତ ହୋଇଛି । ଏହି ତଥ୍ୟ କିନ୍ତୁ ଡେଙ୍ଗୁର ପ୍ରକୃତ ବୋଝକୁ କମ୍ ଦେଖାଇଥାଏ । ଅନେକ ସଂକ୍ରମଣର ଯାଞ୍ଚ ହୋଇନଥାଏ, କେତେ ରୋଗୀଙ୍କର ଚିକିତ୍ସାର ପଞ୍ଜୀକରଣ ହୁଏନା ଏବଂ ଅନ୍ୟତ୍ର କିଛି ଡେଙ୍ଗୁ ଜନିତ ମୃତ୍ୟୁକୁ ରକ୍ତସ୍ରାବ ଭଳି ଜଟିଳତା ହେତୁ ମୃତ୍ୟୁ ହେଲା ବୋଲି ଧରିନିଆଯାଏ । ଡେଙ୍ଗୁର ଟୀକା ପ୍ରସ୍ତୁତି ଏକ କଷ୍ଟକର ବ୍ୟାପାର ବୋଲି ପ୍ରମାଣିତ ହୋଇଛି । 'କ୍ୟୁଡେଙ୍ଗା' ପୂର୍ବରୁ ଆହୁରି କେତୋଟି ଟୀକା ମଧ୍ୟ ଅତୀତରେ ଆସିଛି କିନ୍ତୁ ପ୍ରତ୍ୟେକଟି ସହ ବୈଜ୍ଞାନିକ, ସୁରକ୍ଷା ଓ ଉପଯୋଗୀତା ଜନିତ ସମସ୍ୟା ଜଡ଼ିତ ଥିଲା । ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତି (ଡେନଭି ୧-୪) ଭାରତରେ ଏହି ରୋଗଟିକୁ ସୃଷ୍ଟି କରିଥାନ୍ତି । ପ୍ରତ୍ୟେକ ପ୍ରଜାତି ଅନ୍ୟ ପ୍ରଜାତି ଠାରୁ ଏହି ଭାବରେ ଭିନ୍ନ ଯେ ଯଦି କୌଣସି ପ୍ରଜାତି ବିରୋଧରେ ପ୍ରାକୃତିକ ପ୍ରତିରୋଧ ବ୍ୟବସ୍ଥା (Natual Immunity) ମଣିଷ ଶରୀରରେ ସୃଷ୍ଟି ହେଲା, ଉକ୍ତ ପ୍ରତିରୋଧ ବ୍ୟବସ୍ଥା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରଜାତିକୁ ହିଁ ବାଧା ଦେବ । ଅନ୍ୟ ପ୍ରଜାତିର ସଂକ୍ରମଣକୁ ଏହି ପ୍ରତିରୋଧ ରୋକି ନ ପାରେ । ଯେଉଁ ବ୍ୟକ୍ତିଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇଛି, ତାଙ୍କୁ ସଂକ୍ରମିତ କରିଥିବା ଡେଙ୍ଗୁ ଭାଇରସ୍ ପ୍ରଜାତି ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡି ସୃଷ୍ଟି ହେବ । ଏହାକୁ ସେରୋପଜିଟିଭ୍ କୁହାଯାଏ । ଯାହାଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇନାହିଁ, ତାଙ୍କ ରକ୍ତରେ ଆଣ୍ଟିବଡି ଦେଖାଯିବ ନାହିଁ ଓ ଏହାକୁ ସେରୋନେଗେଟିଭ୍ ବୋଲି କୁହାଯିବ । ଯେତେବେଳେ ଜଣେ ସେରୋପଜିଟିଭ୍ ବ୍ୟକ୍ତି (ଡେଙ୍ଗୁର ଚାରି ପ୍ରଜାତି ମଧ୍ୟରୁ ଯେକୌଣସି ଗୋଟିଏ ଦ୍ୱାରା ସଂକ୍ରମଣ ହେତୁ), ନିଜ ଜୀବନକାଳରେ ଅନ୍ୟ ଗୋଟିଏ ଡେଙ୍ଗୁ ପ୍ରଜାତି(ପୂର୍ବ ସଂକ୍ରମଣରୁ ଅଲଗା ପ୍ରଜାତି) ଦ୍ୱାରା ସଂକ୍ରମିତ ହୁଅନ୍ତି, ସେତେବେଳେ ଏହା ଭୟାବହ ଡେଙ୍ଗୁ ଜ୍ୱରରେ ପରିଣତ ହୋଇପାରେ । ଏହାର କାରଣ ହେଉଛି, ପ୍ରଥମ ଡେଙ୍ଗୁ ଭାଇରସ୍ ପ୍ରଜାତିର ଆଣ୍ଟିବଡି, ଦ୍ୱିତୀୟ ପ୍ରଜାତିର ସଂକ୍ରମଣକୁ ବଢ଼ାଇ ଦେଇଥାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଆଣ୍ଟିବଡି ଡିପେଣ୍ଡାଣ୍ଟ ଏନହେନ୍ସମେଣ୍ଟ୍ ବା ଏ.ଡି.ଇ । ଏ.ଡି.ଇ କୁ ପ୍ରତିରୋଧ କରିବା ହିଁ ହେଉଛି ଡେଙ୍ଗୁ ଟୀକା ନିର୍ମାଣର ମୂଳତତ୍ତ୍ୱ ।

ଯେ କୌଣସି ଡେଙ୍ଗୁ ଟୀକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି । ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟୀକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ । ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ । 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟୀକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ (Genetic Material) ଉପରେ ପର୍ଯ୍ୟବେସିତ । ଏଥିରେ ଅନ୍ୟ ତିନୋଟି ପ୍ରଜାତିର ଆନୁବଂଶିକ ପଦାର୍ଥ ମଧ୍ୟ ସାମିଲ ଅଛି । ଏହାକୁ ତିନିମାସର ବ୍ୟବଧାନରେ ଦୁଇଟି ଡୋଜ୍‌ରେ ଦେବାର ବ୍ୟବସ୍ଥା ରହିଛି । କ୍ୟୁଡେଙ୍ଗାର ଦକ୍ଷତା ସମ୍ବନ୍ଧରେ ହୋଇଥିବା



ପରୀକ୍ଷଣରୁ ଜଣା ପଡ଼ିଛି କି, ଏକ ବର୍ଷରେ ଏହାର ପ୍ରଭାବ ପାଖାପାଖି ଅଶୀ ପ୍ରତିଶତ ରହିଛି ଓ ଅଠର ମାସ ସମୟ ସୀମା ମଧ୍ୟରେ ଡେଙ୍ଗୁରେ ପୀଡ଼ିତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବାର ସମ୍ଭାବନାରେ ନବେ ପ୍ରତିଶତ ହ୍ରାସ ଘଟୁଛି । ହାଇଦ୍ରାବାଦ ସ୍ଥିତ ଔଷଧ ନିର୍ମାତା "ବାୟୋଲୋଜିକାଲ୍-ଇ" ଓ ଟାକେଡା ମିଳିତ ଭାବରେ ଭାରତରେ ବାର୍ଷିକ ପାଞ୍ଚ କୋଟି ଟୀକା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ୨୦୩୦ ସୁଦ୍ଧା ବାର୍ଷିକ ଦଶ କୋଟୀରେ ପରିଣତ ହେବ । ଭାରତ ଏହାଦ୍ୱାରା ଏକ ପ୍ରମୁଖ ଟୀକା ଉତ୍ପାଦନ କେନ୍ଦ୍ର ହୋଇପାରିବ । କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ ଭାରତ ପାଇଁ ଆରମ୍ଭ ମାତ୍ର । ଗୋଦାମ, କ୍ଲିନିକ୍ ଓ ସରକାରୀ ଡାକ୍ତରଖାନାରେ ଗଚ୍ଛିତ ଥିବା ଟୀକା ସେତେବେଳ ପର୍ଯ୍ୟନ୍ତ ରୋଗକୁ ପ୍ରତିରୋଧ କରିପାରେନାହିଁ, ଯେଉଁ ପର୍ଯ୍ୟନ୍ତ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚ ନାହିଁ । କ୍ୟୁଡେଙ୍ଗାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କବଚରେ ପରିଣତ କରିବା ବହୁଳ ଭାବରେ ନିର୍ଭର କରୁଛି, ଏହାର ମୂଲ୍ୟ ନିର୍ଦ୍ଧାରଣ, କୋଲଡ୍ ଚେନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଉପରେ । ଏହି ଟୀକାକୁ ନେଇ ଏକ ରାଷ୍ଟ୍ରବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମ କରିବା ଆବଶ୍ୟକ ନୁହେଁ, ଏହା ଏ ଲେଖକର ମତ । କାରଣ ଡେଙ୍ଗୁର ଉପସ୍ଥିତି ଆମ ଦେଶରେ ଅସମାନତାର ସହ ଦେଖିବାପାଇଁ ମିଳେ । କେତେକ ଗ୍ରାମ ବା ସହରାଞ୍ଚଳରେ ଏହାର ପ୍ରାର୍ଦୁଭାବ ଓ ବିପଦ ଖୁବ୍ ବେଶୀ ଥିବା ବେଳେ ଅନ୍ୟତ୍ର ନ ଥାଏ । ଯେଉଁଠାରେ ଏହାର ପ୍ରାବଲ୍ୟ ଅଛି ସରକାର ସେଠାରେ ସୁଲଭତାର ସହ କ୍ୟୁଡେଙ୍ଗାକୁ ଯୋଗାଇବାର ବ୍ୟବସ୍ଥା କରିପାରିବେ ।

ଟୀକା ସହିତ ଉପଯୁକ୍ତ ନିରୀକ୍ଷଣ ମଧ୍ୟ ନିତାନ୍ତ ଜରୁରୀ । ଏଥିରେ ଜିଲ୍ଲା ସ୍ତରୀୟ ଡାଟା, ବେସରକାରୀ ହସ୍ପିଟାଲରୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ଡେଙ୍ଗୁ ପ୍ରଜାତିର (ସେରୋଟାଇପ୍) ବ୍ୟାପିବା ନେଇ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି । ସମଗ୍ର ଦେଶରେ କମ୍ ମାତ୍ରାରେ କ୍ୟୁଡେଙ୍ଗାକୁ ଯୋଗାଇବା ଅପେକ୍ଷା, ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଏହାକୁ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ କଲେ ଅଧିକ ସୁଫଳ ମିଳିବାର ସମ୍ଭାବନା ରହିଛି । ଟୀକାକରଣ ସହିତ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଉ । କ୍ୟୁଡେଙ୍ଗା ରୂପରେ ଦେଶକୁ ଡେଙ୍ଗୁ ବିରୋଧରେ ଏକ ଉପଯୁକ୍ତ ଅସ୍ତ୍ର ମିଳିଛି । ଏହା ସାଙ୍ଗକୁ ଆବଶ୍ୟକ ରହିଛି ସରକାର ଓ ଲୋକମାନଙ୍କର ଭାଗିଦାରୀ ଯାହାକି କୌଣସି ଯୋଜନାର ସଫଳ ରୂପାୟନ ପାଇଁ ପଥ ପରିଷ୍କାର କରେ ।

+ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# ବିଶିଷ୍ଟ ସମାଜସେବୀ ମଧୁସୂଦନ ଦାସ (ଗଦା ବାବୁ)

**ସନ୍ଧ୍ୟାରାଣୀ ଦାସ**

ସମାଜସେବା କ୍ଷେତ୍ରରେ ଓ ଅଧ୍ୟାତ୍ମିକ ଚିନ୍ତାଧାରା ମଧ୍ୟରେ ଯେଉଁ ବନ୍ଧୁ ମାନେ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରି ଆଗେଇ ଚାଲିଥିଲେ ସେମାନଙ୍କ ମଧ୍ୟରେ ମଧୁସୂଦନ ଦାସ ଓରଫ୍ ଗଦା ଭାଇ ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ସହରରେ ସ୍ୱର୍ଗତ ଦାସ ୪.୪.୧୯୫୫ ମସିହାରେ ଜନ୍ମ ଗ୍ରହଣ କରନ୍ତି ଓ ୧୫.୮.୨୦୨୬ ରେ ପରଲୋକ ଗମନ କରନ୍ତି । ସ୍ୱର୍ଗତ ମଧୁସୂଦନ ଦାସଙ୍କ ପିତା ବାଞ୍ଛାନିଧି ଦାସ ଓ ମାତା ଅନ୍ନପୂର୍ଣ୍ଣା ଦାସ । ପତ୍ନୀ ଜ୍ୟୋସ୍ନାମୟୀ, ପରିବାରରେ ପାଞ୍ଚ ଭାଇ, ଦୁଇ ଭଉଣୀ, ତିନି ପୁତ୍ର ଓ ଏକ କନ୍ୟା । ସ୍ୱର୍ଗତ ମଧୁସୂଦନ ଦାସଙ୍କ ପୁତ୍ର ବ୍ରଜ କିଶୋର ଦାସ, ନିହାର ରଞ୍ଜନ ଦାସ, ସୌମ୍ୟ ରଞ୍ଜନ ଦାସ, କନ୍ୟା ସନ୍ଧ୍ୟାରାଣୀ ଦାସ ଏବଂ ଜ୍ୱାଇଁ କମଳାକାନ୍ତ ଜେନା ତଥା ପୁତ୍ର ବଧୂ, ନାତି ନାତୁଣୀ ଓ ପରିବାର ବର୍ଗ ସମସ୍ତେ କଳା ସାହିତ୍ୟ ଓ ସଂସ୍କୃତି ପ୍ରେମୀ ମଣିଷ । ମଧୁସୂଦନ ଦାସ ଥିଲେ ବିଶିଷ୍ଟ ସମାଜସେବୀ, ସଫଳ ବ୍ୟବସାୟୀ, ଠିକାଦାର ଓ ଆଧ୍ୟାତ୍ମିକ ଚିନ୍ତାଧାରାର ପ୍ରିୟ ବ୍ୟକ୍ତିତ୍ୱ । ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବାସୁଦେବପୁର ଶାଖାର ସେ ଥିଲେ ଜଣେ ମୁଖ୍ୟ କାର୍ଯ୍ୟକର୍ତ୍ତା । ୨୦୦୪ ମସିହାରେ ତାଙ୍କର ଉଦ୍ୟମରେ ବାସୁଦେବପୁରରେ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ପ୍ରତିଷ୍ଠା ହୋଇଥିଲା । ସେ ପ୍ରଥମେ ନିଜ ଗୃହରେ ଆଶ୍ରମ ଖୋଲିଥିଲେ । ତାପରେ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ସଂସ୍ଥାକୁ ସହଯୋଗର ହାତ ବଢାଇଥିଲେ । ତାପରେ ଏହି ଆଶ୍ରମଟି ବାସୁଦେବପୁର ବଜାରର ବାଲି କଲୋନୀରେ ଏକ ସ୍ୱତନ୍ତ୍ର ସ୍ଥାନରେ ଗଢ଼ି ଉଠିଛି । ଏହି ଆଶ୍ରମର ଭିତ୍ତିଭୂମି ପାଇଁ ତାଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମର ମୁଖ୍ୟ ସଦସ୍ୟା ପ୍ରତିମା ଭଉଣୀଙ୍କ ଠାରୁ ଆରମ୍ଭ କରି ସମସ୍ତ ଭାଇ ଭଉଣୀ ଗଦା ଭାଇଙ୍କୁ ଖୁବ୍ ଭଲ ପାଉଥିଲେ । ଅନେକ ସମାଜସେବା, ସାହିତ୍ୟ, ଶିକ୍ଷା,ସାଂସ୍କୃତିକ ଅନୁଷ୍ଠାନକୁ ସେ ସହଯୋଗ କରୁଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ସ୍ୱାଧୀନତା ସଂଗ୍ରାମୀ ତଥା ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ସଂଗ୍ରାମୀ କମଳା ପ୍ରସାଦ କର, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ବାରିକ୍, ଆଦିକନ୍ଦ ମଲିକ୍, ବରିଷ୍ଠ ନେତା ମାଧବାନନ୍ଦ ମଲ୍ଲିକ,ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ର୍ନିବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ସଭାପତି ବୈଲୋଚନ ଜେନା, ନାରୀ ନେତ୍ରୀ ବନଲତା ଜେନା ପ୍ରମୁଖଙ୍କ ସହିତ ସ୍ୱର୍ଗତ ଦାସଙ୍କ ଖୁବ୍ ନିବିଡ଼ ସମ୍ପର୍କ ରହିଥିଲା, ଯାହାକୁ ଜୀବନରେ ଆଦୌ ଭୁଲିହେବ ନାହିଁ । ସ୍ୱର୍ଗତ ଦାସ ସର୍ବଦା ପରୋପକାରୀ,



ମିଷ୍ଟଭାଷୀ, ଓ ସରଳ ଚିନ୍ତାଧାରାର ମଣିଷ ଥିଲେ ଏବଂ ପଦ୍ମପୁଷ୍ପ ପରି କାନ୍ତ କୋମଳ ହୃଦୟ ମଧ୍ୟରେ ସମସ୍ତଙ୍କୁ ମଧୁର କଥା କହି ବାନ୍ଧି ଦେଉଥିଲେ । ସେ ଆଜି ଆମ ଗହଣରେ ନାହାନ୍ତି, ଆକାଶର ତାରା ପାଲଟି ଯାଇଛନ୍ତି । ସେ ପୃଥିବୀରେ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ତାଙ୍କର ଅମର ଆତ୍ମାର ସଦଗତି ହେଉ । ଏତିକିରେ ତାଙ୍କୁ ଆଜିର ଏକାଦଶାହ ଅବସରରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

+ବାସୁଦେବପୁର, ଭଦ୍ରକ

କବିତା କୋଣାର୍କ

## ସଫେଦ ହୃଦୟ

**ସଂଜୀବ କୁମାର ଶତପଥି**

ଆ ତୋ ଆଉ ମୋ ଭିତରେ ଥିବା
ଆନ୍ତର୍ଦ୍ୱନ୍ଦ ମନ ମାଳିନ୍ୟ
ଛନ୍ଦ କପଟକୁ ଘଷି ଦେବା ମାଜି
ଦେବା ଧୋଇଦେବା
ଦାମିକା ସାବୁନ ଓ ଡିଟରଜେଣ୍ଟ
ପାଉଡରରେ ଦେଖିବୁ ମଳି ସବୁ ସଫା
ହୋଇ ବହି
ଯାଉଛି ହାତୀ ଓ ତେଲ
ନଦୀର ବନ୍ୟା ରେ
ଏବେ ଆମେ ସଫେଦ ଓ ନିର୍ମଳ
ପାପ ବି ଡରେ ପାପୀକୁ
ସେଇଥି ପାଇଁ
ଏ ପାପ ଗରିବ ଖଟିଖିଆ ମଜୁରିଆଙ୍କ
ପାଖାରେ ଠେଙ୍ଗା
ଦେବତା ଭଳି ଲାଗିରୁହେ
ଏ ପାପ ଟା ଏତେ ପ୍ରଖର ଯେ ବିନା ଝଡ଼ା
ଫୁଙ୍କା ମେନ ମେନ୍ତା ରେ ଯାଏ ନାହିଁ
ଧନୀ ଓ ସାମାଜିକ ପ୍ରତିପତ୍ତି
ନେତା ଅଫିସର
ଙ୍କୁ ତାର ଭାରି ଡର
ମନ୍ତ୍ର ଯନ୍ତ୍ର ତନ୍ତ୍ର ସବୁ ବିଦ୍ୟା
ଏମାନଂକୁ ଜଣା
ଏ ନେତା ଅଫିସର
ସମାଜ ସେବୀ କାଳେ
କାଳି ସୁନ୍ଦରୀ ଓ ମେଲି
ଦେବୀଙ୍କ ବଡ଼ ଭକ୍ତ
ପୂଜା ପାର୍ବଣ ସମାଜ ସେବାରେ
ଅତର୍ଚ୍ଚା ଦାନ କରନ୍ତି
ପାପ ସବୁ ଧୋଇବା ପାଇଁ
ଏମାନେ ଦଶ ମହାବିଦ୍ୟାର ବି ସାଧକ
କେଉଁ ଦେବା ଦେବୀଙ୍କୁ
କି ଭୋଗ କେଉଁ
ସମୟରେ ଲାଗେ
ବେଶ ଜଣା ଏମାନଂକୁ
କାହାକୁ ଶୁକଲ ଭୋଗ କାହାକୁ
ଛାଗଲ ବଳି
ପୁଣି ଫୁଲ ଫଳରେ ସନ୍ତୁଷ୍ଟ କରିବାର
କୁହୁକ ବିଦ୍ୟା ଏମାନଂକୁ ଜଣା
ଏମାନେ ସୂତ୍ର ଧର
ଦେବା ଦେବୀଙ୍କ ପାଇଁ
ଏମାନଙ୍କ ହୃଦୟ ସ୍ୱଚ୍ଛ ଓ
ନିର୍ମଳ ପାପ ବି
ଦୂରରୁ ଦେଖି
ସଲାମ କରେ ଏମାନଙ୍କ ଗୁଲାମୀ ଯକୁ
ବର୍ଷକୁ ଥରେ ଏମାନଙ୍କ ପାପ ସବୁ ଧୁଆ
ହୁଏ କାଗଜ ପତ୍ରରେ ଅଳନ୍ଧୁ ସବୁକୁ
ନେଇ ଫୋପଡ଼ା ଯାଏ ବିଶ୍ୱାସର କାଳ
କୋଠରୀ ରେ
ଏମାନେ ସଫେଦ
ହୃଦୟ ବାଲା ଆଜିର ଦୁନିଆରେ

+କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭

## ଫେରିଯାଅ ଶ୍ରାବଣୀ

**ମନୋଜ କୁମାର ମେହେର**



ଅଭିମାନ କରି ବର୍ଷିଲା ଶ୍ରାବଣୀ
ମୁଷଳ ଧାରରେ ପାଣି,
ଚାରିଆଡେ ଖାଲି ଜଳମୟ ଦିଶେ
ବିଦୃପ ଦିଶେ ଧରଣୀ ।।
ନଇନାଳ ସବୁ ଉଛୁଳି ପଡ଼ିଲେ
ବହିଗଲା ଜଳଧାର,
ଭାଙ୍ଗିଗଲା ରାସ୍ତା ଭାଙ୍ଗିଗଲା ପୋଲ
ଭାସିଗଲା ଘରଦ୍ୱାର ।।
ଘରେ ଭିତରକୁ ପଶିଗଲା ପାଣି
ଜଳୁ ନାହି ଆଉ ଚୁଲି,
ଜନଜୀବନଟା ହେଲା ଅସ୍ତବ୍ୟସ୍ତ
ଜୀବନ ଲାଗେ ବାଉଳି ।।
ସବୁଜ ଧରଣୀ ଜଳମୟ ପୁଣି
ଚାରିଆଡେ ହାହାକାର,
ଯୋଗାଯୋଗ ଯେବେ
ହୋଇଲା ବିଛିନ୍ନ
ଜୀବନ ଲାଗେ ଅନ୍ଧାର ।।
ଫେରିଯାଅ ତୁମେ ତେଜି ଅଭିମାନ
ରାଗ କରିଦିଅ ଶାନ୍ତ,
ତୁମ ଉଗ୍ରରୂପ କେତେ ଭୟଙ୍କର
ଦେଖିଲା ସାରା ଜଗତ ।।
ଫେରିଯାଅ ତୁମେ ଆନନ୍ଦ ମନରେ
ନିନ୍ଦା ନ କରନ୍ତୁ ଜନେ,
ଯଦି କେବେ ଆସ । ଆସ ଶାନ୍ତି ମନେ
ପୁଣି ଜଗତ କଲ୍ୟାଣେ ।।

+ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ସ୍ଥବିର
### ଅରୁଣ କୁମାର ଦାସ

ଜାଣେନା କି ଜାଣିବି ନାହିଁ
କାହିଁକି କିପରି ଘଟିଲା
ଜୀବନରେ
ଏକ ବିରାଟ ପରିବର୍ତ୍ତନ
ଚିନ୍ତା ଓ ଚେତନା, ଚୈତନ୍ୟ
ସବୁ ଏକାକାର ହୋଇଛି ।

ତାଳ, ଲୟ, ଚାଳନା
ସବୁ କିଛି ପାଲଟିଛି ଖେଳନା
ତଥାପି ନାହିଁ ମୋ ମନେ ଶୋଚନା
କେବେ ମାଗିବିନି ଯାଚନା ।

ସବୁ ଲୀଳାମୟଙ୍କ ଲୀଳା
ଯାହା ଆମ ଅଣାୟତ
ସୃଷ୍ଟି, ସ୍ରଷ୍ଟା, ବିଲୟ, ସବୁ ଅଜ୍ଞାତ
ମୋହ, ମାୟା, ଦମ୍ଭ ଆମ ହୋଇଛି ଜ୍ଞାତ ।

ସଂରଚନା, ସଂହାର, ସତ୍ ସଙ୍ଗ, ସତ୍ ନାମ
ନାହିଁ ତାହାର ଅନୁପମ
ବୁଝି ଅବୁଝା ହୁଏ ମନ
ବଦଳି ଯାଏ ଚିନ୍ତା ଚେତନ ।

ଆମ ଇଛା ଅନୁଯାୟୀ କିଛି ହୁଏନା
ପରମ ପିତାଙ୍କ ଲୀଳା କିଛି ବୁଝି ହୁଏନା
ତାଙ୍କ ଇଛା ହିଁ ମଙ୍ଗଳ
ତାହା ଭିତରେ ଥାଏ ଅନେକ କୁଶଳ ।

+ ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫



## ଆସାମ ବନ୍ୟା -୨୦୨୬
### ସୁବାସ ଚନ୍ଦ୍ର ସାହାଣୀ

ଆସାମରେ ଏ କେଉଁ ଅଭୂତପୂର୍ବ ପ୍ରାକୃତିକ ବନ୍ୟାର ବ୍ୟୁତ୍ପାତ ?
ଆଖି ପାଏନା, ଜଳାବର୍ତ୍ତ ତାଣ୍ଡବ ଦୃଶ୍ୟ , ଅସହାୟ ପ୍ରାଣ ଚିତ୍ର ।
ଆକାଶ ଆଖିର ଏ କେଉଁ ରୋଷ ? ଲୁହର ତାଣ୍ଡବ ପ୍ରଳୟ ରୂପ !
ଆର୍ତ୍ତ, ଆର୍ତ୍ତିରେ ଅର୍ବୁଦ ଅର୍ବୁଦ ମଣିଷ ଜୀବନ ଆଃ କି ବିଳାପ !

ଆଙ୍କି ହୁଏନା, ଚିତ୍ର ରେଖାରେ ସେ କରୁଣ କାହାଣୀ ଜୀବନ ଛବି,
ଅଦ୍ଭୁତ ମହା ବିଧ୍ୱଂସୀରୂପ, କଳି କି ହୁଏ ତା' ସର୍ବନାଶ ଭେଦ !
ଅକସ୍ମାତ୍ ରଚି ଭୟ ବିସ୍ମୟ ବାଡ଼ବାଗ୍ନି, ଦେଖାଏ ରୁଦ୍ର ଛବି
ଆଶ୍ଚର୍ଯ୍ୟ ମହାବିନାଶ ଏ କି ଦୈବୀ କୃତ, ନା' ମାନବ ହାତୁ ଜାତ !

ଅବୁଝା ଯା' ବୁଝି ହୁଏନା, ରାଜନୀତି ପଶା ପାଲିର ଧନ୍ଦା ସବୁ,
ଅକାଳ ମୃତ୍ୟୁ, ଆବୋରି ବସେ, ଚିନ୍ତା ଚେତନାକୁ କରି ଏଠି କାବୁ ।
ଆତ୍ମା ଆସାମ, ବେଦନା ଚିତ୍ର, ହୃଦ ବିଦୀର୍ଣ୍ଣ, ଚିତ୍କାର ପ୍ରାଣ ଡାକ,
ଆକୁଳ ଭରା, କାତର ଚିତ୍ତ, ତିନ୍ତେଇ ଦିଏ ବିଶ୍ୱ ପଟଳ ଯାକ ।

ଅଭିଶପ୍ତ କି ଏ ଭୂଖଣ୍ଡ, କା' ରୋଷେ ଚିରକାଳ ଜର୍ଜରିତ କହ ?
ଆସନ୍ନ ବର୍ଷା ଆକାଶ ଆସାମ, ହଜାଏ ଜୀବନ ଜିଆଁର ମୋହ ।

+ ସମ୍ପାଦକ -ସ୍ୱୟଂଶ୍ରୀ
ଶ୍ରୀହରି ଆଳୟ, ବାଂମୟ ନିଳୟ,ସାହିତ୍ୟ ଚିରକାଳ
ବୋଇତାଳୁ ପାଟଣା, ମୋହନପୁର,
ଭାୟା- ବିଂଝାରପୁର -୭୫୫୦୦୪, ଯାଜପୁର ।
ମୋ: ୭୩୮୪୨୫୧୧୪୬ ।

## ରାକ୍ଷୀ
### ସ୍ନିଗ୍ଧା ପଣ୍ଡା



ସୂତା ଖିଅକରେ ପବିତ୍ର ସମ୍ପର୍କ ଗଢି ପୁଣି ଦୃଢ ହୁଏ
ରକ୍ଷା ବନ୍ଧନରେ ଭାଇ ଭଉଣୀର ମାନ ପାଇଁ କଥା ଦିଏ ।

ରାକ୍ଷୀ ସେ ତ ସାକ୍ଷୀ ବିପଦେ ଆପଦେ ସ୍ନେହ ଦେଇ ସ୍ନେହ ପାଇ
ଲକ୍ଷ୍ମୀ ବାନ୍ଧିଥିଲେ ବଳିଙ୍କ ହାତରେ ବିଷ୍ଣୁଙ୍କ ମୁକତି ପାଇଁ ।

ଦ୍ୱାରପାଳ ସାଜି ପାତାଳରେ ଥିଲେ ବାମନ ସାରଙ୍ଗପାଣି
ବୈକୁଣ୍ଠକୁ ବଳି ଲେଉଟାଇ ଦେଲେ ଭଉଣୀର ମନ ଜାଣି ।

ଦ୍ୱାପର ଯୁଗରେ କୃଷ୍ଣା ବାନ୍ଧିଥିଲେ କୃଷ୍ଣ ହାତେ ଶରଧାରେ
କୋଟି ବାସ ଦେଇ ମାନ ରଖିଥିଲେ କୁରୁ ସଭା ସମ୍ମୁଖରେ ।

ଚାହିଁ ରହିଥିଲେ ପତି ଗୁରୁଜନ ନୀରବରେ ମଥା ପୋତି
ଟେକି ଦେଇ ହାତ ଭାଇର ନାଆଁରେ ଲାଜ ବଞ୍ଚାଇଲେ ସତୀ ।

ରୋକ୍‌ସାନା ରାକ୍ଷୀ ବାନ୍ଧି ଥିଲେ ପୁରୁ ରାଜାଙ୍କ ହାତରେ ଦିନେ
ସମ୍ମୁଖ ସମରେ ସ୍ୱାମୀଙ୍କର ପ୍ରାଣ ଭିକ୍ଷା କରିଥିଲେ ମନେ ।

ଆଲେକ୍‌ଜାଣ୍ଡାର ଗ୍ରୀକ୍ ବୀର ଅଶ୍ୱ ପିଠିରୁ ପଡିଲେ ତଳେ
ସମ୍ମୁଖରେ ପୁରୁ କୋଷ ମୁକ୍ତ ଅସୀ ପଛକୁ ଫେରାଇନେଲେ ।

ଅମୂଲ ମୂଲ ସେ ସ୍ୱର୍ଗର ସରାଗ ଦାୟିତ୍ୱର କଥା କହେ
ଭାଇକୁ ସୁନ୍ଦର ଭଉଣୀ ଯେମିତି ଭଉଣୀକୁ ଭାଇଟିଏ ।

ରାକ୍ଷୀ ବନ୍ଧା ସେଇ ହାତଟି ଉପରେ ଅତୁଟ ଭରସା କରି
ପୀଢି ପରେ ପୀଢି ଲମ୍ବି ଯାଉଥାଏ ଆଶା ବିଶ୍ୱାସର ଡୋରି ।

ମୋ-୯୮୬୧୩୨୩୬୫୦

## ତାତି
### ଦିନେଶ ମେହେର



ଖାଁ ଖାଁ ନୀରବତା,
ଗୁମ୍ ସୁମ୍ ହେଇ ପଡ଼ିଛି
ବଳଧିଆମାଳରୁ ବୋରିଗୁମା,
ଅବା ଜୁନାଗଡ଼ରୁ ଜଗତସିଂହପୁର,
ସବୁଠି
ଡେରା ଜମେଇଛି ପ୍ରଚଣ୍ଡ ରୌଦ୍ରତାପ,
ତା ବିକଟାଳ ଆଖି ଅନେଇ ଦେଇ
ଏଇ ଧରିତ୍ରୀକୁ ଛିନ୍ ଛତର୍
କରିବାର ଆଶା ନେଇ !

ହେଇତ
ପାଖ ଗାଁ ମଥୁରା, ଡଙ୍ଗର ଉପରେ
ଆୟୋଜିତ ହେଲାଣି ମାଙ୍କଡ଼ ବିହା,
ଡବ୍ ଡାବ୍ ଶବ୍ଦରେ ଥରି ଉଠେ ଇଲାକା
ହୁଏତ ଏଇ ମାଙ୍କଡ଼ ବିହା ଯେ ଭାଙ୍ଗି ଦିଏ
ଅସଂଖ୍ୟ ଅମ୍ଳଜାନର ଭଣ୍ଡାରକୁ,
ନିରୀହ ସବୁଜ ବନାନୀର ଶାଗୁଆ ଚାହାଣିକୁ
କାହିଁ କେତେ ଦୁରେ
ନେଇ ଫିଙ୍ଗି ଦେଇଆସେ !

ଏଇ ଏବେ ଏବେ
ହାତୀନଦୀ ସେପାରି ଥିବା
ମାଝୀ ଘର, ଦାଶ ଘର ଅବା ପଣ୍ଡା ଘର
କ୍ଷେତ ସବୁ
ଆଁ କଲାଣି,
କ୍ଷେତ ଯାକ ଭର୍ତ୍ତି ହେଲାଣି
ଦଦରା କଟା ଦାଗ ସବୁ,
ଟୋପାଏ ପାଣି ମିଳେନା ତୃଷାର୍ତ୍ତ ବସୁଧାକୁ,
ତଣ୍ଟି ଶୁଖି ଯାଏ ଶୋଷରେ,
କଲବଲ ହେଇ ମରିଯାଏ
ଜୀବନ ଜିଇଁବାର ଆଶା !

ହଉ ଦେଖିବା
ଆଉ ତିଳେ ମାତ୍ର ଦୂର
ସେଇ ସ୍ୱପ୍ନ ଦେଖି ଥିବା ଶୀତଳ ସ୍ୱର୍ଣ୍ଣ ମହଲ,
ଚାଲ ମାନସୀ, ସେଠାକୁ ଯିବା
ତାତି ଆଉ ତପନର ଅନ୍ତରାଳେ
ସେଇଠି କେତେ ଶୀତଳ ପବନ ବହୁଥିବ,
ମଧୁ ମଳୟର ସମ୍ଭାରରେ ସ୍ୱାଗତ କରୁଥିବ
କେଇଜଣ ଧାଙ୍ଗଡି ଦୂତି,
ସେଇଠି କେଇଟା ଦିନ ବଞ୍ଚି ଦେଖିବା
ଏଇ ତତଲା ତାତିରୁ ଦୁରେ ବହୁଦୂରେ !

ଭାବେ,
ଏଇ ତାତି ତ ମାନସୀ
ଆଖିର ତତଲା ଲୁହ ଠୁଁ
ଢେର୍ କମଜୋର,
ନହେଲେ ଆମ ଭଳି ମଜୁରିଆ
ପେଟ ପାଟଣା ପାଇଁ
ତାତିକୁ ବେଖାତିର କରି
ବଞ୍ଚି ଯାଆନ୍ତେ ଅବା କେମିତି ?

+ ସ୍ନାତକ (ଇତିହାସ ବିଭାଗ)
ଭବାନୀପାଟଣା, କଳାହାଣ୍ଡି

## ନିଦ ମାଉସୀ ଲୋ ନିଦ ମାଉସୀ
### ଗୌରୀ ମେହେର



ନିଦ ମାଉସୀ ଲୋ ନିଦ ମାଉସୀ,
ମୋ ଜଗା ଶ୍ରୀ ଅଙ୍ଗକୁ ଟିକେ ଦିଅ ଆଉସି
ସ୍ନାନ ଆର ଦିନୁ ଜଗା ମୋ ଜରରେ କମ୍ପୁଛି,
ସେ ଶୋଇଗଲେ ଜର
କମିଯାଆନ୍ତା କିଛି କିଛି ।

ଅସୁସ୍ଥତା ପାଇଁ ସେ ଶୋଇ ନ ପାରୁଛି,
ଦେହ ପୀଡ଼ା ପାଇ କେତେ କଷ୍ଟ ପାଉଛି ।
ଅଣସର ଘରେ ସେ ବିଶ୍ରାମ ନେଉଛି,
ଗୁପତେ କରାଣ କର୍ମ ମାନ ସରିଛି ।
ଶ୍ରୀ ଅଙ୍ଗୁ ଛୁଣା,କସ୍ତୁରୀ ଛଡ଼ା ହୋଇଛି,
ରାଜ ବୈଦ୍ୟଠୁଁ ଚେରି,
ମୂଳି, ଔଷଧ, ଖାଉଛି ।

ଔଷଧ ଖାଉଛି ବୋଲି
ତା ତୁଣ୍ଡକୁ ରୁଚୁନି କିଛି,
ତାତିରେ ତା ଦେହ ଥରି ଉଠୁଛି ।
ପାଟ ପିତାମ୍ବରୀ ଅଙ୍ଗୁ ଉତାରି ଦେଇଛି,
ସୂତା ବସନ ପିନ୍ଧି ଚିକିତ୍ସିତ ହେଉଛି ।

ରତ୍ନ ସିଂହାସନ ମୂରୁଛି ଦେଇଛି,
ଅଣସର ଘର ଶଯ୍ୟାରେ ଶୋଇଛି ।
ଶ୍ରୀ ବଦନଟା ତାର ମଉଳି ଯାଇଛି,
ଓଠରୁ ହସ ତା ସତେ ହଜି ଯାଇଛି ।
ସୁବାସିତ ଫୁଲୁରି ତେଲ,
ଶ୍ରୀ ଅଙ୍ଗେ ଘଷା ହେଉଛି,
ତଥାପି ତା ଅଙ୍ଗୁ ଜର ନ ଛାଡୁଛି ।

ଏଣେ ଶ୍ରୀ ମନ୍ଦିର ଶୁନ୍ୟ ଶୁନ୍ୟ ଲାଗୁଛି,
ତା ଦର୍ଶନ ନ ପାଇ ଭକ୍ତଙ୍କ ଆତ୍ମା କାନ୍ଦୁଛି ।
ରଥ ଯାତରା ପାଖେଇ ଆସୁଛି,
ସେଦିନ ତ ଶ୍ରୀମୁଖ ଦିଶିବ ବୋଲି
ଜଗତ ଅନେଇ ବସିଛି ।
ମାନବୀୟ ଲୀଳା କାଳିଆ କରୁଛି,
ଜଗତ କରତା ହୋଇ ବି
କେତେ ପୀଡ଼ା ଲଭୁଛି ।

ସାରା ଦୁନିଆ ଆଜି ଭାଙ୍ଗି ପଡ଼ିଛି,
ଯେହେତୁ ଜଗା ମୋ ଜରେ ପୀଡ଼ିତ ଅଛି ।
ତେଣୁ ନିଦ ମାଉସୀ ଲୋ ନିଦ ମାଉସୀ,
ଜଗା ଶ୍ରୀ ଅଙ୍ଗକୁ ଦିଅ ଲୋ ଆଉସୀ ।
ନିଶ୍ଚିନ୍ତରେ ଶୋଇଗଲେ ମୂହୁର୍ତ୍ତ କିଛି,
ଭକତ ପାଶକୁ ଆସନ୍ତା,
ଶୀଘ୍ର ସୁସ୍ଥ ହୋଇକି,
ନିଦ ମାଉସୀ ଲୋ ନିଦ ମାଉସୀ ।

+ ଗମ୍ଭାରୀଗୁଡ଼ା, ନୂଆପଡ଼ା
ମୋ: ୯୧୭୮୭୪୧୩୩୬

## ସୁକୁମାରୀର ହସ
### ଡଃ ସୁମିତ୍ରା ମିଶ୍ର



ସୁକୁମାରୀ ହସେନି କେବେ ବୋଲି
ମନ ମରିଯାଏ ଚତୁର୍ଭୁଜର
ଭାବେ, ସୁକୁମାରୀର ମନ ବୋଧେ ବନ୍ଧା
କେଉଁ ସୁନା ପଂଜୁରୀର ଅଂଗୁର ଦାନାରେ
ଅବା ବୋଧେ ତାର ଲକ୍ଷ୍ୟସ୍ଥଳ ଥିଲା
ଗୋଟେ ମଖମଲି ଚଉକି ଆଖିଝଲସା ସୌଧରେ ।

ସେ ତ ଗୋଟେ ମାଡଖିଆ ସଉଦାବୁହା ବଳଦ
କ୍ରମଶଃ ସରି ଆସୁଛି ତାର ଯୌବନ ରସ, ବୟସ,
ତା ନୀଳରଂଗ ବାକିଖାତାର କାକୁସ୍ଥ ପୃଷ୍ଠାମାନଙ୍କ ପରି
ଋଣ ଦେଇଥିବା କୋଅପରେଟିଭ୍ର ଧମକ ପାହାରରେ ।

ସୁକୁମାରୀ ହସେ ଦେଖିଲେ ଟଂକା
ତାପାପୁଲି ଗରମ ହେଲେ ମନ ନରମ ହୋଇଯାଏ
ବାଂକ ଚାହାଣୀ ହାଣି ଦେଖେ ସେ
ହାଡୁଆ, ଖଂକାଳପେଟା, ଭାତରଂକା ଚତୁର୍ଭୁଜକୁ
ପରଶି ଦିଏ ତବତ ଭାତ ସହ ତାଟିଆ ଭରି
ଗରମ ମାଛ ଝୋଳ ।

ସୁକୁମାରୀ ସୁନ୍ଦରୀ ନ ହେଲେବି ଲାବଣ୍ୟମୟୀ
ମଲ୍ଲିଫୁଲିଆ ତା ପୁଟୁକା ଗାଲର ଭଉଁରୀ
ତା ଚାରିକଡେ ଗୁଣୁଗୁଣଉଥିବା ଭଅଁର ଦଳ
ତାକୁଂ ଦେଖିଲେ ବାମ୍ପୁଆ ହୋଇଉଠେ
ଚତୁର୍ଭୁଜର ଛାତି ତଳ
ତଥାପି ଅଂଧାର ହେଲେ ବିକଳ ହୋଇ ରସ
ଖୋଜେ ସେ ସୁକୁମାରୀଠୁ
ନେହୁରା ହୁଏ, ଗୋଡ ଧରି ଜୁହାର ହୁଏ
ସୁକୁମାରୀ ତାକୁ ଦିଶେ ବିଷାଦର ସ୍ଥିର ଚିତ୍ରଟିଏ ପରି ।

ଚତୁର୍ଭୁଜ ମନେ ପକାଏ ହାକିମଙ୍କ ଭର୍ତ୍ସନା
ଘର ମାଲିକର ଅଦଉତି, ଝିଅ ବିଉଟିର ଅଝଟ
ଏସବୁକୁ ସହିଯାଏ ତାର ବଧିରା ଛାତି ପିଠି
ହେଲେ ଚାବୁକ୍ ପରି ମାରେ ତାକୁ
ସୁକୁମାରୀର ଉଦାସ ଚାହାଣୀ, ମଉଳା ମୁହଁ
ପିଠିମୁଣ୍ଡ ଆଉଁସି ଦିଏ ଅକାରଣେ ତାର
ବିକଳ ହୋଇ ଚାହେଁ ପତିତ ଉଦ୍ଧାରଣ ଚକାନୟନକୁ
ପଚାରେ, କେମିତି ନିଜକୁ ଯୋଗ୍ୟ କରିବ
ସେ ନିଜକୁ ସୁକୁମାରୀର,
ଋଣର ଅଠାକାଠିରେ ତ ଲାଗିଛି ତା ଜୀବନ
ମୁଣ୍ଡରେ ମୁଣ୍ଡେଇଛି ଅଭାବର ଓଜନିଆ ଝୁଡିଟିଏ
ହାତ ଯୋଡେ, ସାହା ହୁଅ କାଳିଆ ଠାକୁର
ମୋର କିଛି ଲୋଡା ନାହିଁ
ସୁକୁମାରୀ ମୁହଁରେ ଥାପି ଦିଅ ହସର ଧାରଟିଏ ।

+ କୋଳଥିଆ, ଭୁବନେଶ୍ୱର ୩୦
ମୋ: ୯୯୨୦୬୯୬୮୧୫



## ଦୀପଟିଏ ଦେବା ଜାଳି
### ଦୀପ୍ତି ମିଶ୍ର



ଏଇ ଶୁଭ ଦିନେ ମାଆ ଙ୍କ
ନାମରେ ଦୀପଟିଏ ଦେଲି ଜାଳି
ଆଲୋକ ରେଖା ତା ଛୁଇଁ ଛୁଇଁ ଯାଏ
ଅନ୍ଧାରର ବୁକୁ ଚିରି

ଆଲୋକର ପର୍ବ ଦିୱାଲୀ ଆସିଛି
ମା' କାଳୀଙ୍କ ଆରାଧନା
ଜଗତରୁ ଶତ୍ରୁ ନାଶିବେ ସକଳ
ଉଡ଼ାଇ ବିଜୟ ବାନା

ସତ୍ୟର ଜୟ ମିଥ୍ୟାର ବିଲୟ
ଆଲୋକ ରୋଷଣୀ କହେ

ଚଉଦିଗେ ଦେଖ ହସୁଛି ଜଗତ
ପୁଣି କାନ୍ଦେ ଜଣେ କିଏ

କିଏ ଏଠି ହସେ ଟଙ୍କା ପଇସାକୁ
ବାଣ ରୋଷଣୀରେ ଜାଳି
କିଏ ଖୋଜି ବୁଲେ ମାଆର ଆଦର
ଖାଇବାକୁ ଦୁଇ ଓଳି

ପରିବେଶ କିଏ କରଇ ଦୂଷିତ
ଫୋଟୋକା ବାଣ ଫୁଟାଇ

କିଏ ଏଠି ଟିକେ ମମତା ଖୋଜଇ
ଜୀବନେ ହସିବା ପାଇଁ

ଦୀପର ମହିମା ଦୀପର ମହତ୍ତ୍ୱ
ରହିଛି ଯାହା ସାଇତା
ଆମ ଏ ଶରୀର ଦୀପ ଟିଏ ହେଲେ
ପ୍ରାଣ ଅଟଇ ସଳିତା

ବିଶ୍ୱାସ ର ଘୃତ ଆତ୍ମା ର ଅଗ୍ନି
ଜଳାଇ ରଖିଛି ଦୀପ
ପୁଣ୍ୟର ପ୍ରଦୀପ ତେଜୀୟାନ ହେଉ
ପୋଡ଼ି ଯାଉ ସବୁ ପାପ

ଆସ ସବୁ ମିଶି ମାଆଙ୍କ ନାମରେ
ଦୀପଟିଏ ଦେବା ଜାଳି
ପରମ ପ୍ରୀତିର ସାଗରରେ ଭାସି
ଶତ୍ରୁତା ଯିବା ଭୁଲି ।

+ବାରିପଦା
ମୋ - ୯୪୩୮୪୦୪୩୦୮

## ସ୍ମୃତି
### ସୁନନ୍ଦା ମହାନ୍ତି



ଖଟା ମିଠା ସ୍ମୃତି ଛାଡ଼ି
ଆଗକୁ ଯେତେ ବି ମାଡି
ଷ୍ଟେସନ ଛାଡୁନି ଗାଡି
ଖଟା ସ୍ମୃତି ସବୁ ପେଡ଼ିରେ ପଡି
ଜୀବନ୍ତ ଲାଗନ୍ତି ସମୟ ଗଡି
ମିଠା ସ୍ମୃତି କରେ ରଡି
ବିଞ୍ଚି ଖଇ କଉଡ଼ି
କାଇଁଚ ପେଡିଟା ଉପରେ ପଡି

କହେ ଗୋଟେଇନେ ରଙ୍ଗୀନ ଏ ଝୁଡି
ଷ୍ଟେସନ ନାମକ ମନର ଭାଡି
କେବେ ମିଠା ସ୍ମୃତି ଯାଏନି ଛାଡ଼ି
ଖଟା ସ୍ମୃତି ଦିଏ ଶିକ୍ଷାର ଛଡି
ସ୍ମୃତି ପୁଟୁଳି ପେଡି ଉପରେ ଉଡି
କେବେ ସାତରଙ୍ଗ ପ୍ରଜାପତି କଢି

କେବେ ଅସୁମାରି ଶଗଡ଼ ବା ଶଗଡି
ଚାଲେ ଆଗକୁ ଅନୁଭୂତି ସ୍ମୃତିରୁ ଯୋଡି
ଉପରେ ପଡିଲେ ଗଛ ଉପୁଡି
ମଣିଷ ପଡେ କେବେ କଚାଡି
ସ୍ମୃତି ଛାଡି କିଏ ବାନ୍ଧିଛି କୋଉଠି
ପୁଟୁଳି ପେଡି ଯିବାକୁ ଆଗକୁ ମାଡି
କିଏ କୋଉଠି ପିଉଛି ସ୍ମୃତି କରଡ଼ି
ଶଗଡି ଗାଡିରେ ନିଏ କିଏ ଘୋଷାଡି

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭



## ଅପୂରଣୀୟ
### ଦେବାଶିଷ ଚକ୍ରବର୍ତ୍ତୀ



(ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ଉତ୍ସର୍ଗୀତ)

ଆଜି ହେଉକି କାଲି
ଜୀବ ଦିନେନା ଦିନେ ନିଶ୍ଚୟ ଯିବ
ଏହି ଧ୍ରୁବ ସତ୍ୟ ଯଦିଓ
କାହାକୁ ନୁହେଁ ଅଜଣା
ତଥାପି ସଂସାର ରଙ୍ଗ ମଞ୍ଚରୁ
ତୁମ ପ୍ରସ୍ଥାନରେ କେଜାଣି କାହିଁକି
କୋରାପୁଟରୁ କେନ୍ଦୁଝର
ଗଞ୍ଜାମ ରୁ ସମ୍ବଲପୁର
ସାଢେ ଚାରି କୋଟି ଓଡ଼ିଆଙ୍କ
ହୋଇଥିଲା ମନଉଣା ।
ବେଳେ ବେଳେ ମନେ ହୁଏନିକି
କଣ ବା ଅଛି କାହା ନାଆଁରେ
ଅନ୍ଧ ହୋଇପାରେ ପଦ୍ମଲୋଚନ
ନିରକ୍ଷର ବି ବିଦ୍ୟାଭୂଷଣ
ଅଥଚ ତୁମେ ହିଁ ସାର୍ଥକ ଉଦାହରଣ
ଥିଲ ନିଜ ନାଆଁ ର
ତୁମ ଜଳଦ ଗମ୍ଭୀର କଣ୍ଠସ୍ୱର
ମନେହେଉ ନଥିଲା କି
ସତେ ଯେମିତି ପ୍ରଣବ ଓଁକାର ?
ତୁମ ପତଳା କଳେବରରେ
କେଉଁଠି ଏତେ ତାକତ୍ ଥାଏ କେଜାଣି
ତୁମ ସଙ୍ଗୀତର ଆରୋହରେ
ଭରି ରହିଥାଏ ଭୂମାଙ୍କୁ
ସ୍ପର୍ଶ କରିବାର ପରାକ୍ରମ
ଅଥଚ ବେଦନା ବତୁରା ସଙ୍ଗୀତ
ପରଷିବା ବେଳେ ତାହା
ହୋଇଉଠେ ଖୁବ୍ କରୁଣ ।
ସାଧନାମୟ ଜୀବନ ତୁମର
ସତେ ଯେମିତି
ସାତ ଦଶନ୍ଧି ଧରି ନିରବଧି
ଝରୁଥିବା ସଙ୍ଗୀତର ଝର
ଅଥଚ ପଦ୍ମଶ୍ରୀ ଉପାଧିଟିଏ ବି
ଯୁଟିଲାନି କପାଳକୁ ତୁମର
ଏ ଦୁର୍ଭାଗ୍ୟ ତୁମର ନୁହେଁ
ବରଂ ସମଗ୍ର ଓଡ଼ିଆ ଜାତିର
ଅପୂରଣୀୟ ଶୂନ୍ୟସ୍ଥାନ ତୁମର
ସାଢେ ଚାରି କୋଟି ଓଡ଼ିଆଙ୍କ
ଛାତିରେ ଗଢା ହୋଇଛି ଯାହାର ଘର
ଛାର ସରକାରୀ ସ୍ୱୀକୃତି କଣ
ହୋଇ ପାରିବ କି ସମକକ୍ଷ ତାହାର ?

+ ମଣ୍ଡୁଆ, କେନ୍ଦୁଝରଗଡ
ମୋ - ୯୪୩୭୭୫୨୩୯୫

## ଆଉ ଜଣେ ଭୀମଦାସ୍
### ଡ. ଶୁଭେନ୍ଦୁ ମେହେର



ଭୀମଦାସ୍
ଯେଉଁଦିନ ଜନ୍ମ ହେଲା,
ସେ' ଦିନ ପାହାଡ଼ ତଳ ଗାଁ'ରେ
ଅଙ୍ଗ୍‌ରା ବର୍ଷା ହେଉଥିଲା !

ଲୋକେ କହିଲେ,
ଇପିଲା ଅଲକ୍ଷଣାଟା
ତଥାପି....
ତା'ର୍ ନାଁ ଦିଆହେଲା ଭୀମ....ଭୀମଦାସ୍ !
ମା' କହିଲା..........
ଯିଏ ନିଆଁରେ ଜନ୍ମ ହୁଏ....
ସେ' ହିଁ ଭୀମ.....।

ତା'ର୍ ବୟସ ଦଶ୍ ହେଲାକୁ
ଧୁମ୍ ନିଦାଘ ଆଇଲା,
କୂଅ ପୋଖରୀ ଶୁଖିଗଲା,
ପାହାଡ଼ର ଝରଣା ସବୁ ଅଟ୍‌କିଗଲା,
ମୁଂଦିଏ ପାଣି ମିଳିଲା ନାଇଁ !
ଗାଁ ଲୋକ ଟୁପୁର ଫୁସୁର ହେଲେ,
ପାହାଡ଼ ଦେବ୍‌ତା ରାଗିଛନ୍ତି,
ଆଉ ଗୋଟେ ବଳି ଦରକାର ।
ଭୀମ ପଚାରିଲା.......
ଦେବ୍‌ତା ଯେବେ ପାଣି ଦବ,
ତେବେ ଯାଇ କ'ଣ ଆମେ ପିଇବୁ ?

ଭୀମ ସେ'ଦିନ ପହିଲା କରି
ଗୋଡ଼ ଉଠାଇଲା..........ପାହାଡ଼ ଚଢ଼ିଲା,
ଅନେକ୍ ଦିନ ଖୁଜିବା ପରେ
ଝରଣା ପାଇଲା,
ହେଲେ ପାଣି ପିଇଲା ନାଇଁ !
କୋଦାଳ ଧରି
ପାହାଡ଼ ଛାତିକୁ ଖୁଳିବା ଆରମ୍ଭ କଲା ।

ପଥର ତା'ର ହାତକୁ କାଟିଲା !
ଖରା ତା'ର ପିଠିକୁ ପୁଡ଼ିଲା !!
ବର୍ଷା ତା'ର ଦିହକୁ ଭିଜାଇଲା !!!
ତଥାପି ଅଟ୍‌କି ଯାଇନି ଭୀମଦାସ୍
ସେ' କହୁଥିଲା,
ଯଦି ଦେବ୍‌ତା ପାଣି ଦେବନାଇଁ,
ମୁଁ ପାହାଡ଼ ଚିରି ପାଣି ବାହାର କରିବି ।

ସାତ୍ ବର୍ଷର ସଂଗ୍ରାମ୍
ସାତ୍ ବର୍ଷର ଅଗ୍ନି ବର୍ଷା !
ଭୀମ ଏକ୍‌ଲା ଲଢୁଥିଲା ପାହାଡ଼ ସାଙ୍ଗ୍‌ରେ
ଗାଁ ଲୋକ କହିଲେ....
ସେ' ଦେବ୍‌ତାଙ୍କୁ ଅପମାନ୍ କରୁଛି
ତା'ର ଉପ୍‌ରେ ଅଭିଶାପ୍ ପଡ଼ିବ
ଭୀମ ହସି ହସି କହିଲା....
ଅଭିଶାପକୁ ମୁଁ ପିଇ ସାରିଛି,
ଏବେ କେବଳ ପାଣି ପିଇବା ବାକି ଅଛି ।

ଗୁରଦୁ ବର୍ଷ ପରେ ପାହାଡ଼ ଫାଟିଲା
ଝରଣା ଆଉ କୁଳୁକୁଳୁ ହୋଇ ନାଇଁ,
ନଇ ହୋଇ ତଲ୍‌କୁ ତଲ୍‌କୁ ଖେପିଲା,
ଗାଁକୁ ଭସାଇ ନେଲା ନାଇଁ,
ଭରଷା ଦେଲା ।

ଭୀମ ତଲ୍‌କୁ ଉତୁରିଲା ବେଳକୁ
ତା'ର ଦିହ ପଥର ହୋଇଯାଇଥିଲା,
ହାତ କାଠୁଆ ପଡ଼ିଯାଇଥିଲା,
ଖାନ୍ଦ ବଧିରା ହୋଇଯାଇଥିଲା,
ଆଖିରେ କିନ୍ତୁ ପାହାଡ଼ ଭଳି ଜିଦ୍ !
ଲୋକେ ମୁଣ୍ଡ ନୁଆଁଇଲେ,
ଦେବ୍‌ତା ଭଳି ସମ୍ମାନ କଲେ,
ଭୀମ କହିଲା...
ମୁଁ ଦେବ୍‌ତା ନୁହେଁ... ତୁମ ପରି ମଣିଷ !
ଫରକ୍ ଖାଲି ଏତ୍‌କି ଯେ,
ତୁମେ ପାହାଡ଼କୁ ଡରିଲ, ମୁଁ ତା' ସହ ଯୁଝିଲି,
ଆଜିଠୁ ପୂଜା ପାଠ ବନ୍ଦ୍, କୋଦାଳ ଧର ।
ଈଶ୍ୱର ଏବେ ଛୁଟିରେ ଗଲେଣି,
ଏବେ ନିଜ ଭାଗ୍ୟ ନିଜେ ଖୁଳିବାକୁ ପଡ଼ିବ ।

ଭୀମଦାସ୍ ଆଜି ନାଇଁ
ତଥାପି ପାହାଡ଼ ତଳ ଗାଁରେ
କେହି ପାହାଡ଼କୁ ମୁଣ୍ଡିଆ ମାରେ ନାଇଁ
ସବୁ ଘରେ ଗୋଟିଏ କୋଦାଳ ଅଛି !
ଆଉ ସବୁ ପିଲା ଜନ୍ମ ହେଲେ....
ତା'ର କାନରେ ଗୋଟିଏ ମନ୍ତ୍ର କୁହନ୍ତି,
ଭୀମ ହୋଇ ବଞ୍ଚ,
ପାହାଡ଼ ହୋଇ ନୁହେଁ ।

ପାହାଡ଼ ଭାଙ୍ଗିଯାଏ,
କିନ୍ତୁ ଭୀମଦାସ୍ ଭାଙ୍ଗେ ନାଇଁ ।

+ ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

# ଯୁଦ୍ଧକାଳୀନ ପରିସ୍ଥିତିରେ ବନ୍ଧା ହେଲା ନାଳିଆ ନଈ ଘାଇ: ଆଶ୍ୱସ୍ତ ହେଲେ ତଳଗୋପବିନ୍ଧା ପଂଚାୟତବାସୀ

ଭଦ୍ରକ,୨୪/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ତଳଗୋପବିନ୍ଧା ପଂଚାୟତ ଅଧିନ ମାତଗଜପୁର ଠାରେ ଗତ ମଙ୍ଗଳବାର ରାତିରେ ସାଳନ୍ଦୀନଦୀର ଶାଖା ନାଳିଆନଦୀରେ ବନ୍ଧ ଭାଙ୍ଗି ୬୦ଫୁଟର ଘାଇ ହୋଇଥିଲା। ଏହି ଘାଇକୁ ଯୁଦ୍ଧକାଳୀନ ପରିସ୍ଥିତିରେ ମାତ୍ର ୨ଦିନ ମଧ୍ୟରେ ସାଳନ୍ଦୀ ଜଳସେଚନ ବିଭାଗ ନାଳିଆ ନଦୀର ଘାଇକୁ ବାଲିବସ୍ତା ପକାଇବାନ୍ଧିବାକୁ ସକ୍ଷମ ହୋଇଛନ୍ତି। ଫଳରେ ତଳଗୋପବିନ୍ଧା ପଂଚାୟତର ଭୟଭୀତ ଅବସ୍ଥାରେ ଥିବା ୬ହଜାର ଲୋକ ଅଶ୍ୱସ୍ତି ଲାଭ କରିଛନ୍ତି। ଏଥିପାଇଁ ପଂଚାୟତବାସୀ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଳନ୍ଦୀ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ଉପଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା,କନିଷ୍ଠ ଯନ୍ତ୍ରୀ ପଦ୍ମପ୍ରିୟ ସାମଲ ଓ ସରପଂଚ ସଂଜୀବ ବେହେରାଙ୍କ ଉଦ୍ୟମକୁ ପ୍ରସଂଶା କରିଥିବା ବେଳେ ବିଡ଼ିଓ ନିରଞ୍ଜନ ବାରିକଙ୍କ ସହାୟତା ପାଇଁ ଧନ୍ୟବାଦ ଜଣାଇଛନ୍ତି। ନାଳିଆ ନଦୀରେ ବନ୍ୟା ଆସିବା ଯୋଗୁ ମାତଗଜପୁର ଗ୍ରାମ ନିକଟରେ ନଦୀରେ ବନ୍ଧଭାଙ୍ଗି ୬୦ଫୁଟ ଓସାରର ଘାଇ ସୃଷ୍ଟି ହୋଇଥିଲା। ଯାହା ଫଳରେ ପଂଚାୟତ ଅଧୀନ ୧୨ଟି ଗ୍ରାମ ଜଳମଗ୍ନ ହୋଇଥିଲା। ଏଥିସହ ତଳଗୋପବିନ୍ଧା ସହ ଭଦ୍ରକ ବ୍ଲକ ଅଧୀନ ରାଜମୁକୁନ୍ଦପୁର ଭାୟା ରାଜୁଆଳିବିନ୍ଧାର ଯୋଗାଯୋଗ ବିଛିନ୍ନ ହୋଇଥିଲା। ଘାଇରେ ବନ୍ୟା ପାଣି ସ୍ରୋତ ପ୍ରଖର ଓ ଭୟଙ୍କର ଥିବାରୁ ପଂଚାୟତବାସୀ ଆତଙ୍କିତ ହୋଇ ପଡ଼ିଥିଲେ। ଖବର ପାଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେହି ପଂଚାୟତରେ ପହଂଚି ଲୋକମାନଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସାଳନ୍ଦୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁଙ୍କୁ ବାଲିବସ୍ତା ସହାୟତାରେ ତୁରନ୍ତ ଘାଇ ବାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନ୍ତ୍ରୀ ସୂରଜ ତଳିଆ ଅଂଚଳରୁ ବିପନ୍ନମାନଙ୍କୁ ଉଦ୍ଧାର କରି ଐସାନ୍ୟଚଣ୍ଡି ହାଇସ୍କୁଲରେ ଥଇଥାନ କରିବାକୁ ବିଡ଼ିଓ ନିରଞ୍ଜନ ବାରିକଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ତଳିଆ ଅଂଚଳରୁ ୭ଶହ ବିପନ୍ନଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ପରେ ସରପଂଚ ସଞ୍ଜୀବ ବେହେରା ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରିଥିଲେ। ମାତ୍ର ବିଜେପି। ପଂଚାୟର ସଭାପତି ଚକ୍ରଧର ନାୟକ ଦିନ ରାତି ପରିଶ୍ରମ କରି ବନ୍ୟାରେ ଭାର କରି ଗ୍ୟାସ ସିଲିଣ୍ଡର ଆଣି ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ବାସ୍ତବିକ ପ୍ରଶଂସନୀୟ ଉଦ୍ୟମ ବୋଲି ଜଣାଯାଇଛି। ତେବେ ସାଳନ୍ଦୀ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସାହୁଙ୍କ ସମେତ ଉପଖଣ୍ଡ ଅଧିକାରୀ ବେହେରା, କନିଷ୍ଠ ଯନ୍ତ୍ରୀ ସାମଲ ଘଟଣାସ୍ଥଳରେ ପହଂଚିଥିଲେ ମଧ୍ୟ ପ୍ରବଳ ସ୍ରୋତ ଥିବାରୁ ବାଲି ବସ୍ତା ସହାୟତାରେ ଘାଇ ବାନ୍ଧିବାକୁ ସାହସ କରିପାରିନଥିଲେ।

# ବିଜୟ କୁମାର ପଣ୍ଡାଙ୍କ ସ୍ମୃତିଚାରଣ ସଭା: ପିତାଙ୍କ ସ୍ମୃତିରେ ୧୦୦ ଚାରା ବଂଟନ, ଶିକ୍ଷାନୁଷ୍ଠାନକୁ ୨୦ ଗଛ ପ୍ରଦାନ

ଭଦ୍ରକ,୨୪/୦୮ (ନି.ପ୍ର): ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ଏକାଦଶାହକ୍ରିୟା ଅବସରରେ ଭଦ୍ରକସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଏକ ଭାବପୂର୍ଣ୍ଣ ସ୍ମୃତିଚାରଣ ସଭା ଓ ପଙ୍କ୍ତିଭୋଜନ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ପ୍ରଫେସର ଅଟଳ ବିହାରୀ ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ପବିତ୍ର ସ୍ମୃତିରେ ୧୦୦ଟି ଗଛ ରୋପଣ ନିମନ୍ତେ ଚାରା ବଂଟନ କରାଯାଇଥିଲା। ସ୍ୱର୍ଗତ ବିଜୟ କୁମାର ପଣ୍ଡା ଦୀର୍ଘ ୨୦ ବର୍ଷ ଧରି ମୁଣ୍ଡିମରା ସ୍କୁଲ ଓ ବିଷ୍ଣୁପୁର ୟୁଜିଏମ୍ଇ ସ୍କୁଲରେ ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ନିଜର ଅବଦାନ ରଖିଥିଲେ। ତାଙ୍କ ଶିକ୍ଷକ ଜୀବନ ଓ ସମାଜ ପ୍ରତି ଅବଦାନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଉକ୍ତ ଦୁଇଟି ଶିକ୍ଷାନୁଷ୍ଠାନକୁ ୨୦ଟି ଚାରା ପ୍ରଦାନ କରାଯାଇଥିଲା। ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆଙ୍କ ଦ୍ୱାରା ଏହି ଚାରାଗୁଡ଼ିକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ସ୍ମୃତିରେ ଅନ୍ୟ ୮୦ଟି ଚାରା ଶିକ୍ଷକ, ବନ୍ଧୁ-ବାନ୍ଧବ ଓ ପ୍ରିୟଜନମାନଙ୍କୁ ବଂଟନ କରାଯାଇଥିଲା। ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ ବାଗ, କଞ୍ଜୁମର କୋର୍ଟର ସଭାପତି ଶିବପ୍ରସାଦ ମହାନ୍ତି, ଜିଲ୍ଲା ସ୍ୱଚ୍ଛ ସଂଚୟ ଅଧିକାରୀ ପଦ୍ମନ ରାୟ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚାରା ପ୍ରଦାନ କରିଥିଲେ। ସ୍ମୃତିଚାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ, ଭଦ୍ରକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ଏବଂ ଉପ ଆରକ୍ଷୀ ଅଧିକାରୀ, ଗୁଇନ୍ଧା ବିଭାଗ ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ବନ୍ଧୁବର୍ଗ ଓ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାରେ ବିଭିନ୍ନ ବକ୍ତା ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ସରଳତା, ସ୍ନେହ, ମାନବିକତା, ଶିକ୍ଷା ପ୍ରତି ନିଷ୍ଠା ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ମୃତି ଓ ଅନୁଭୂତିକୁ ବକ୍ତାମାନେ ଭାବପୂର୍ଣ୍ଣ ଭାବେ ବ୍ୟକ୍ତ କରିଥିଲେ। ଏହି ଅବସରରେ ପରିବାର ପକ୍ଷରୁ କୁହାଯାଇଥିଲା ଯେ, "ମଣିଷ ଚାଲିଯାଏ, କିନ୍ତୁ ତାଙ୍କର ସ୍ମୃତି ଓ ଭଲ କାମ ସବୁବେଳେ ବଂଚି ରହେ। ଆମ ପାଇଁ ଏହି ୧୦୦ଟି ଗଛ କେବଳ ଗଛ ନୁହେଁ, ଏଗୁଡ଼ିକ ହେଉଛି ତାଙ୍କ ପ୍ରତି ଆମର ୧୦୦ଟି ଜୀବନ୍ତ ଶ୍ରଦ୍ଧାଞ୍ଜଳି।" ଗଛଗୁଡ଼ିକ ଭବିଷ୍ୟତରେ ଛାୟା, ଫଳ, ଫୁଲ ଓ ଅମ୍ଳଜାନ ପ୍ରଦାନ କରି ଅନେକଙ୍କ ଉପକାରରେ ଆସିବ ବୋଲି ପରିବାର ପକ୍ଷରୁ ଆଶା ପ୍ରକାଶ କରାଯାଇଥିଲା। ଶେଷରେ ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ପ୍ରତି ନିଜର ସ୍ମୃତି ଓ ଅନୁଭୂତି ବ୍ୟକ୍ତ କରିଥିବା ସମସ୍ତ ସମ୍ମାନନୀୟ ବକ୍ତା, ଶିକ୍ଷକ, ବନ୍ଧୁ-ବାନ୍ଧବ, ପ୍ରିୟଜନ ଓ ଅତିଥିମାନଙ୍କୁ ପରିବାର ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଥିଲା। "ଗଛ ବଂଚିଲେ ସ୍ମୃତି ବଂଚିବ, ସ୍ମୃତି ବଂଚିଲେ ମଣିଷ ବଂଚି ରହିବ।" ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ପବିତ୍ର ଆତ୍ମାର ସଦ୍ଗତି କାମନା କରି ସଭାର ସମାପ୍ତି ହୋଇଥିଲା।

# ନୀଳଗିରିରେ ଆର୍ଟ ଅଫ ଲିଭିଙ୍ଗର ରୁଦ୍ରପୂଜା ସମାହିତ



ନୀଳଗିରି,୨୪/୦୮ (ନି.ପ୍ର): ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଲିଭିଙ୍ଗର ନୀଳଗିରି ଶାଖା ତରଫରୁ ସତ୍ୟସାଇ ମନ୍ଦିରର ଭବ୍ୟଦିବ୍ୟ ପରିବେଶରେ ରୁଦ୍ରପୂଜା ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ନିଖିଳାନନ୍ଦଜୀ ଏବଂ ଦୁଇଜଣ ବେଦଜ୍ଞ ପଣ୍ଡିତ ରୁଦ୍ରଙ୍କ ପ୍ରୀତି ବିଧାନାର୍ଥେ ଦିବ୍ୟମନ୍ତ୍ର ଓ ସ୍ତୁତିପାଠ ଦ୍ୱାରା ଉପସ୍ଥିତ ଅନେକ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରିଥିଲେ। ସ୍ୱାମିଜୀଙ୍କର ଗଭୀର ଧ୍ୟାନ ମୁଦ୍ରା ଓ ଅମୃତବାଣୀ ସମସ୍ତଙ୍କୁ ଦିବ୍ୟ ପ୍ରେମରେ ନିମଗ୍ନ କରିଥିଲା। ଏହି ରୁଦ୍ରପୂଜା ଶ୍ରାବଣମାସ ବ୍ୟାପି ସମଗ୍ର ଭାରତବର୍ଷର ବିଭିନ୍ନ କୋଣ ଅନୁକୋଣରେ ଦୈନିକ ୪, ୮୦୦ ସ୍ଥାନରେ ଅନୁଷ୍ଠିତ ହେଉଅଛି। ଭାରତୀୟ ଋଷି ପରମ୍ପରା ଆଧାରିତ ସନାତନ ସଂସ୍କୃତି, ମନୁଷ୍ୟର ଆଧ୍ୟାତ୍ମିକ ଉତ୍ଥାନ, ତ୍ରିତାପ ପ୍ରଶମନ, ବିଶ୍ୱଶାନ୍ତି ପ୍ରତିଷ୍ଠା, ଗ୍ରହରିଷ୍ଟ ନିବାରଣ ଏବଂ ଜନମଙ୍ଗଳର ଆଭିମୁଖ୍ୟ ନେଇ ପ୍ରତିବର୍ଷ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ବରିଷ୍ଠ ଆଧ୍ୟାତ୍ମିକ ମାର୍ଗଦର୍ଶକ ମନୋରଞ୍ଜନ ସ୍ୱାଇଁଙ୍କ ପ୍ରେରଣା ତଥା ବାଲେଶ୍ୱର ଆର୍ଟ ଅଫ ଲିଭିଙ୍ଗ୍ ଶିକ୍ଷକ ଶ୍ରୀମତୀ ସଂଯୁକ୍ତା ବିଶ୍ୱାଳଙ୍କ ତତ୍ତ୍ୱବଧାନ ଏବଂ ତପନ ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ନୀଳଗିରି ଆର୍ଟ ଅଫ ଲିଭିଙ୍ଗର ଅନୁଗାମୀ ଦୀପ୍ତିକାନ୍ତ ମହାପାତ୍ର, ମାୟାଧର ମହାନ୍ତି, ବିଜୟ ମହାରଣା, ରବି ରାଉତ, ବିଭୂତି ଭୂଷଣ ତ୍ରିପାଠୀ, ଶରତ ମହାପାତ୍ର, ଶ୍ରୀଧର ସେନାପତି, ବିଦ୍ୟା ହରିଚନ୍ଦନଙ୍କ ସହଯୋଗରେ ତଥା ନୀଳଗିରିର ଆଧ୍ୟାତ୍ମିକ ପ୍ରେମୀ ବ୍ୟକ୍ତିବିଶେଷ ସୁଭାଷିନୀ ଜୀ, ବିନୋଦ ବିହାରୀ ପଣ୍ଡା, ସୁଶାନ୍ତ ମହାପାତ୍ର, ଅର୍ଚ୍ଚନା ପଣ୍ଡା, ବାସନ୍ତୀ ପଣ୍ଡା, ଜୟନ୍ତୀ ପ୍ରଧାନ, ଉତ୍ତମ ବିଶ୍ୱାଳ, ଚିତ୍ତରଞ୍ଜନ ପତି, କାର୍ତ୍ତିକ ଇତ୍ୟାଦି ଅନେକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ବାଲେଶ୍ୱର ଆର୍ଟ ଅଫ ଲିଭିଙ୍ଗର ବରିଷ୍ଠ ଶିକ୍ଷକ ନିରଞ୍ଜନ କର, ପ୍ରକାଶ ଦାସ, ବିନୟ ପଣ୍ଡା, ରିଧି ମୋର୍, ମଞ୍ଜୁ ଦିଦି, ମାଳ ଦିଦି, ଲକ୍ଷ୍ମୀପ୍ରିୟା ଦିଦି, ଭାରତୀ ଦିଦି, ତ୍ରିପୁରା, ରବୀନ୍ଦ୍ର ଭାଇ, ପ୍ରଦୀପ ଭାଇ, ମାଧବୀ, ମାମୁନି ଇତ୍ୟାଦି ଉପସ୍ଥିତ ରହି ଭଜନ ପରିବେଷଣ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଅଧିକ ରୁଦ୍ଧିମନ୍ତ କରିଥିଲେ।

# ନୂଆପଡ଼ାରେ ଜିଲ୍ଲାପାଳଙ୍କ ଅଭିଭାଷଣ ଓ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର ଅଧିବେଶନ

ନୂଆପଡ଼ା,୨୪/୦୮ (ନି.ପ୍ର): "କେବଳ ପାଠ୍ୟପୁସ୍ତକ ପଢ଼ିବାରେ ସୀମିତ ନରହି ସୃଜନଶୀଳ ଚିନ୍ତାଧାରାର ବିକାଶ କରନ୍ତୁ। ନିଜ ଦକ୍ଷତାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ନିରନ୍ତର ପ୍ରୟାସ କରନ୍ତୁ। ଜୀବନରେ ଯେଉଁଠି ରହିବେ, ସେଠାରେ ଉତ୍କର୍ଷ ହାସଲ କରିବା ସହ ନିଜେ ଏକ ରୋଲ୍ ମଡେଲ୍ ହୋଇ ଅନ୍ୟଙ୍କ ପାଇଁ ପ୍ରେରଣା ପାଲଟନ୍ତୁ।" ଡିଆଇଇଟି, ନୂଆପଡ଼ାର ଛାତ୍ରଛାତ୍ରୀଙ୍କୁ ଏଭଳି ପ୍ରେରଣା ଦେଇଥିଲେ ଜିଲ୍ଲାପାଳ ମଧୁସୂଦନ ଦାଶ। ଡିଆଇଇଟି, ନୂଆପଡ଼ାରେ ଆୟୋଜିତ ପ୍ରେରଣାଦାୟୀ ଅଭିଭାଷଣ ଓ ପ୍ରଶ୍ନୋତର ଅଧିବେଶନରେ ଯୋଗଦେଇ ଜିଲ୍ଲାପାଳ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ଫଳାଫଳ ପାଇବାର ମାଧ୍ୟମ ଭାବେ ନଦେଖି ଜୀବନକୁ ବୁଝିବା, ନିଜ ବ୍ୟକ୍ତିତ୍ୱ ଗଢ଼ିବା ଏବଂ ସମାଜ ପାଇଁ ସକାରାତ୍ମକ ଅବଦାନ ରଖିବାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହ ସୃଜନଶୀଳତା, ଶୃଙ୍ଖଳା ଓ ନେତୃତ୍ୱ ଗୁଣର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। 'ଶିକ୍ଷାଦାନ ଏକ ଗରିମାମୟ କାର୍ଯ୍ୟ'ଏହି ଭାବନାକୁ ଆତ୍ମସାତ୍ କରି ଭବିଷ୍ୟତର ଶିକ୍ଷକ ଭାବେ ନିଜ ଦାୟିତ୍ୱକୁ ନିଷ୍ଠା, ସମର୍ପଣ ଓ ଗର୍ବର ସହ ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜଣେ ଶିକ୍ଷକ କେବଳ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ଛାତ୍ରଛାତ୍ରୀଙ୍କ ଚରିତ୍ର, ଚିନ୍ତାଧାରା ଓ ଭବିଷ୍ୟତ ଗଢ଼ିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ନିଜ ଜୀବନଯାତ୍ରାର ବିଭିନ୍ନ ଅନୁଭୂତି ଛାତ୍ରଛାତ୍ରୀଙ୍କ ସହ ବାଂଟିଥିଲେ। କେନ୍ଦ୍ରାପଡ଼ାରୁ ଆରମ୍ଭ ହୋଇଥିବା ତାଙ୍କ ଜୀବନଯାତ୍ରାରେ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ ପରିବାର ଶିକ୍ଷା ପାଇଁ କିପରି ଦୃଢ଼ ସମର୍ଥନ ଦେଇଥିଲେ, ସେ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। କଲେଜ ଜୀବନରେ ଛାତ୍ରନେତା ଭାବେ ଅନୁଭୂତି ସାଉଁଟିବାଠାରୁ ଆରମ୍ଭ କରି ଓଡ଼ିଶା ପ୍ରଶାସନିକ ସେବାରେ ପ୍ରବେଶ ଏବଂ ବିଭିନ୍ନ ଦାୟିତ୍ୱ ନିର୍ବାହ ପରେ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇବା ପର୍ଯ୍ୟନ୍ତର ଅନୁଭବ ସେ ଛାତ୍ରଛାତ୍ରୀଙ୍କ ସହ ବାଂଟିଥିଲେ। ସଂଘର୍ଷ, ଧୈର୍ଯ୍ୟ, ପରିଶ୍ରମ ଓ ଦୃଢ଼ ଲକ୍ଷ୍ୟ ହିଁ ଜୀବନରେ ସଫଳତାର ମୁଖ୍ୟ ଆଧାର ବୋଲି ସେ କହିଥିଲେ। ସାହିତ୍ୟ ପ୍ରତି ନିଜର ଅନୁରାଗ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ଅନୁଭୂତି ବାଂଟିଥିଲେ। ନିୟମିତ ପଢ଼ାଲେଖା ମଣିଷର ଚିନ୍ତାଧାରାକୁ ସମୃଦ୍ଧ କରିବା ସହ ଦୃଷ୍ଟିକୋଣକୁ ବ୍ୟାପକ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଡିଆଇଇଟିର ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଜୀବନ, ବ୍ୟକ୍ତିତ୍ୱ ଓ କାର୍ଯ୍ୟଧାରାକୁ ନେଇ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ ପ୍ରଶ୍ନୋତର ଅଧିବେଶନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସାମୟିକ ଓ ପ୍ରଶାସନିକ ବିଷୟରେ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକମୁକ୍ତ ଅଭିଯାନ, ନିର୍ବାଚନ ପରିଚାଳନା, କାର୍ଯ୍ୟ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସମନ୍ୱୟ, ଶାରୀରିକ ସୁସ୍ଥତା ଓ ଫିଟନେସ୍ ଆଦି ବିଷୟରେ ସେମାନଙ୍କ ପ୍ରଶ୍ନ ରହିଥିଲା। ଜିଲ୍ଲାପାଳ ସହଜ ଓ ସ୍ପଷ୍ଟ ଭାବେ ପ୍ରଶ୍ନଗୁଡ଼ିକର ଉତର ଦେବା ସହ ନିଜ ଅନୁଭୂତି ଆଧାରରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଡିଆଇଇଟିର ଅଧ୍ୟକ୍ଷ ନରୋତମ ଭୋଇ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ବଳ ସଂଯୋଜକ ଅନିଲ କୁମାର ଲେଙ୍କା ମଂଚ ପରିଚାଳନା କରିଥିଲେ।

## ୬ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୪/୦୮ (ନି.ପ୍ର): ଫେରାର ୬ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଝିଲିମିଲିଗୁଡା ଗ୍ରାମର ରାମ ଚନ୍ଦ୍ର ଗାଦବା (୨୭), ଶିବ ଗାଦବ (୨୩), ଭୀମ ଗଦବା (୨୩), ରତନ ଗଦବା (୨୭) ଖଗପତି ଗଦବା (୧୯) ଓ ବାରିଣିପୁଟର ସମର ଖେମୁଣ୍ଡୁ (୩୫)। ପୋଲିସ ସୂଚନା ଅନୁଯାଇ ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନା ରେ ଅପରାଧିକ ମାମଲା ରହିଥିଲା। ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଆଜି ଗରିଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# କୋଟିଆରେ ସ୍ୱାସ୍ଥ୍ୟସେବା, ନିୟମିତ ବିଶେଷଜ୍ଞ ଚିକିତ୍ସା ପାଇଁ ଗୁରୁତ୍ୱ

ଜୟପୁର,୨୪/୦୮ (ନି.ପ୍ର): କୋରାପୁଟ ଜିଲ୍ଲା କୋଟିଆ ଅଂଚଳର ଲୋକଙ୍କୁ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରନ୍ତର ପଦକ୍ଷେପ ନିଆଯାଉଛି। ଦୁର୍ଗମ ଅଂଚଳର ଲୋକଙ୍କ ପାଖରେ ବିଶେଷଜ୍ଞ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ ପକ୍ଷରୁ କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତି ଶୁକ୍ରବାରରେ ପ୍ରସୂତି ଓ ସ୍ତ୍ରୀରୋଗ, ଶିଶୁରୋଗ ଏବଂ କମ୍ୟୁନିଟି ମେଡିସିନ୍ ବିଭାଗର ଜଣେ ଲେଖାଏଁ ବିଶେଷଜ୍ଞ ଡାକ୍ତରଙ୍କୁ ପଠାଯାଉଛି। ଏହା ଫଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସହିତ ଅନ୍ୟାନ୍ୟ ଆବଶ୍ୟକ ବିଶେଷଜ୍ଞ ସେବା କୋଟିଆ ଅଂଚଳରେ ହିଁ ଉପଲବ୍ଧ ହେଉଛି। ଚଳିତ ବର୍ଷ ୧୨ ଜୁନ୍ ରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ୯ଟି ନିର୍ଦ୍ଧାରିତ ତାରିଖରେ ବିଶେଷଜ୍ଞ ଡାକ୍ତରଙ୍କ ଟିମ୍ କୋଟିଆ ଗସ୍ତ କରି ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି। ଏହା ସହିତ କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ରୋଗ ନିରୀକ୍ଷଣ ଓ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ବୟସ୍କ ଓ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟକ୍ରମ କରାଯାଉଛି। ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଦିଗରେ ମଧ୍ୟ ଲୋକଙ୍କୁ ନିରାପଦ ପାନୀୟ ଜଳର ବ୍ୟବହାର, ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଏବଂ ମଶାରି ବ୍ୟବହାର ସମ୍ପର୍କରେ ସଚେତନ କରାଯାଉଛି। ଏହା ଦ୍ୱାରା ମଶାବାହିତ ରୋଗ, ସଂକ୍ରାମକ ରୋଗ ଓ ଜୀବନଶୈଳୀଜନିତ ରୋଗର ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଉଛି। କୋଟିଆରେ ବିଶେଷଜ୍ଞ ଚିକିତ୍ସା ସେବା ସହ ପ୍ରତିଷେଧକ ଓ ସଚେତନତାଭିତିକ ସ୍ୱାସ୍ଥ୍ୟସେବାର ସମନ୍ୱୟ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି। ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ଦୁର୍ଗମତା ଯେପରି ସ୍ୱାସ୍ଥ୍ୟସେବା ପାଇବାରେ ବାଧକ ନହୁଏ, ସେଥିପାଇଁ ତୃଣମୂଳ ସ୍ତରରେ ନିୟମିତ ସ୍ୱାସ୍ଥ୍ୟସେବା, ବିଶେଷଜ୍ଞ ଚିକିତ୍ସା, ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିଷେଧକ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବ।

# ବେଦାନ୍ତ ଆଲୁମିନିୟମ 'ବେଦକଳା' ମାଧ୍ୟମରେ ମହିଳା କାରିଗରଙ୍କୁ ସଶକ୍ତ କରିଛି




ଝାରସୁଗୁଡ଼ା,୨୪/୦୮ (ନି.ପ୍ର): ଆଜିକାଲିର ପାରମ୍ପରିକ କଳାଗୁଡ଼ିକ ଆଧୁନିକ ବଜାରରେ ନୂଆ ରୂପପାଉଥିବା କାରିଗରମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ ଦିଗ ହୋଇଛି। ଏହି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାର ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମୁଦାୟ ଜୀବିକାଭିତିକ ପ୍ରକଳ୍ପ 'ବେଦକଳା' ଅଧୀନରେ ତିନିଦିନିଆ ମିଡିୟମ୍ - ଡେନ୍ସି ଟି ଫାଇବରବୋର୍ଡ (ଏମଡିଏଫ) କ୍ରାଫ୍ଟ ଓ ସ୍କିଲ୍ ଡେଭଲପମେଣ୍ଟ କର୍ମଶାଳା ଆୟୋଜନ କରାଯାଇଥିଲା। ବେଦକଳା ଏକ୍ସପିରିଏନ୍ସ ସେଣ୍ଟରରେ ଫର୍ଷ ସୂତ୍ର ଫାଉଣ୍ଡେସନ, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ୬୦ରୁ ଅଧିକ ମହିଳା କାରିଗରଙ୍କୁ ପାରମ୍ପରିକ ସଉରା କଳାରୁ ପ୍ରେରଣା ନେଇ ଆଧୁନିକ ଲାଇଫଷ୍ଟାଇଲ୍ ଓ ସ୍ମାରକୀ ସାମଗ୍ରୀ ତିଆରି କରିବାର ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଏମଡ଼ିଏଫ ଅଳଙ୍କାର, ସାଜସଜ୍ଜାମୂଳକ ଫ୍ରିଜ୍ ମ୍ୟାଗ୍ନେଟ୍ ଓ କି-ରିଙ୍ଗ୍ ଭଳି ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଜୀବିକାର ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ କାରିଗରମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ର କହିଛନ୍ତି, ଓଡ଼ିଶାର ସମୃଦ୍ଧ କଳା ପରମ୍ପରା। ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ହେବା ସହ ସମୁଦାୟଭିତିକ ଆର୍ଥିକ ପ୍ରଗତି ପାଇଁ ଏକ ବଡ଼ ସୁଯୋଗ ରହିଛି। 'ପ୍ରକଳ୍ପ 'ବେଦକଳା' ଭଳି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ମହିଳାଙ୍କ ନେତୃତ୍ୱାଧୀନ ଜୀବିକାକୁ ପ୍ରୋତ୍ସାହନ ଦେବା ସହ ଓଡ଼ିଶାର ସମୃଦ୍ଧ କଳା, ଐତିହ୍ୟକୁ ସଂରକ୍ଷଣ କରୁଛି। ଏହି କାର୍ଯ୍ୟକ୍ରମ କମ୍ପାନୀର ବ୍ୟାପକ ସମୁଦାୟ ବିକାଶ ପ୍ରୟାସର ଏକ ଅଂଶ। ଏହି ପ୍ରୟାସଗୁଡ଼ିକ ମଧ୍ୟରେ ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳ ଓ ପରିମଳ, ସମୁଦାୟ ଭିତିଭୂମି, ଜୈବବିବିଧତା ସଂରକ୍ଷଣ ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି ଭଳି କ୍ଷେତ୍ର ସାମିଲ ରହିଛି। ସରକାରୀ ଏଜେନ୍ସୀ, ସିଭିଲ୍ ସୋସାଇଟି ସଂଗଠନ ଏବଂ ସ୍ଥାନୀୟ ସମୁଦାୟର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଗୁଡ଼ିକ ରୂପାୟନ କରାଯାଉଛି। ଓଡ଼ିଶା ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତା ଏହାର ବ୍ୟବସାୟିକ କାର୍ଯ୍ୟକଳାପ ଠାରୁ ବହୁ ଦୂର ପର୍ଯ୍ୟନ୍ତ ରହିଛି। କେବଳ ଆର୍ଥିକ ବର୍ଷ ୨୬ରେ କମ୍ପାନୀର ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ବିକାଶ କ୍ଷେତ୍ରରେ ୮ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ଏହା ସହିତ ରାଜ୍ୟରେ ସମାବେଶୀ ବିକାଶ ଓ ସ୍ଥାୟୀ ସାମାଜିକ-ଆର୍ଥିକ ଉନ୍ନତିରେ ବେଦାନ୍ତ ଆଲୁମିନିୟମ ନିରନ୍ତର ଅବଦାନ ଅତୁଳନୀୟ ଅଟେ।

# ଦୋକାନ ଭିତରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

କେନ୍ଦୁଝର,୨୪/୦୮ (ନି.ପ୍ର): କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଘୁଟୁରୁରେ ଚାଂଚଲ୍ୟକର ଘଟଣା ଘଟିଛି। ଅର୍ଚ୍ଚନା ଟ୍ରେଡର୍ସ ଶୋରୁମ୍ ଭିତରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଛି। ଆଜି ସକାଳେ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଖବର ଦେଇଥିଲେ ଯେ, ଦୋକାନ ଭିତରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଛି।
୨୦୧୪ ମସିହାରେ ହାଣ୍ଡିଭଙ୍ଗା ଅଂଚଳର ଅଭିମନ୍ୟୁ ପରିଡ଼ାଙ୍କୁ ବିବାହ କରିଥିଲେ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଅଂଚଳର ଅର୍ଚ୍ଚନା ବାରିକଙ୍କୁ। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ଘୁଟୁରୁରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭ ମଟର୍ସ ନାମରେ ସେମାନଙ୍କର ବ୍ୟବସାୟ ରହିଛି।
ତେବେ ଅର୍ଚ୍ଚନାଙ୍କ ପରିବାର ପକ୍ଷରୁ ଆସିଛି ଗୁରୁତର ଅଭିଯୋଗ। ପରିବାରଲୋକଙ୍କ କହିବା ଅନୁସାରେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ। ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଉଥିବା ଅଭିଯୋଗ ହୋଇଛି।
ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଂଚଳରେ ଏକ ଭଡ଼ା ଘରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ତେବେ ଅର୍ଚ୍ଚନାଙ୍କୁ ସେଠାରେ ହତ୍ୟା କରି ତାଙ୍କ ମୃତଦେହ ଅର୍ଚ୍ଚନା ଟ୍ରେଡର୍ସ ଭିତରେ ଆଣି ରଖାଯାଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି।
ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ନେଇ ମଧ୍ୟ ସୂଚନା ରହିଛି। ତେବେ ଏହି ନୋଟ୍ରେ ସ୍ୱାମୀଙ୍କୁ ଦାୟୀ ନ କରିବାକୁ ଲେଖାଯାଇଥିବା ନେଇ ପରିବାର ପକ୍ଷରୁ ଆପତି ଉଠାଯାଇଛି। ନୋଟି ଅର୍ଚ୍ଚନା ନିଜେ ଲେଖିନାହାନ୍ତି, ବରଂ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ସ୍ୱାମୀ ଏହା ଲେଖିଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି।
ଅର୍ଚ୍ଚନାଙ୍କ ମୁଣ୍ଡରେ ଆଘାତ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ନେଇ ମଧ୍ୟ ପରିବାର ପକ୍ଷରୁ ଦାବି କରାଯାଇଛି। ଏହାକୁ ନେଇ ହତ୍ୟା ସନ୍ଦେହ ଆହୁରି ଘନୀଭୂତ ହୋଇଛି ଓ ହାତ୍ୟାକାରୀ ସ୍ୱାମୀ କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି।
ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଘଟଣାର ସବୁ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ାଙ୍କୁ ପୋଲିସ ଘଟଣା ସ୍ଥଳରୁ ନେବା ସମୟରେ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା ଏପରିକି କିଛି ଲୋକ ତାଙ୍କୁ ଆକ୍ରମଣ କରିଥିଲେ, ପୋଲିସ୍ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି।

## ଚିନି ଦର ବୃଦ୍ଧି : କିଲୋପିଛା ୭୦ ଟଙ୍କା, ଖାଉଟି ଅସନ୍ତୁଷ୍ଟ

ନୂଆପଡ଼ା,୨୪/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାର ବିଭିନ୍ନ ସହରରେ ଚିନି ଦର ବୃଦ୍ଧି ପାଇ କିଲୋପିଛା ପ୍ରାୟ ୭୦ ଟଙ୍କାରେ ପହଂଚିଥିବାରୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନନ୍ଦିନ ରୋଷେଇ ଠାରୁ ଆରମ୍ଭ କରି ମିଠା, ଚା' ଓ ବିଭିନ୍ନ ଖାଦ୍ୟପଦାର୍ଥରେ ଚିନିର ବ୍ୟବହାର ହେଉଥିବାରୁ ଏହି ଦରବୃଦ୍ଧି ସିଧାସଳଖ ଭାବେ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଉଛି। ଚିନି ଦର ବଢ଼ିବା ଯୋଗୁଁ ସହରର ମିଠା ଦୋକାନୀ ମାନେ ଦର ବୃଦ୍ଧି କରି ଦେଇଥିବା ବେଳେ ଚା' ଦୋକାନୀମାନଙ୍କ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଆଗାମୀ ଦିନରେ ନୂଆପଡ଼ା ଜିଲ୍ଲା ସହ ଖଡ଼ିଆଳ ସହରରେ ଚା' ଦର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଚିନି ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବଜାର ଯାଂଚ୍ କରାଯିବାକୁ ଖାଉଟିମାନେ ଦାବି କରିଛନ୍ତି। ଚିନି ଦର ହଠାତ୍ ବୃଦ୍ଧି ପାଇବାର ପ୍ରକୃତ କାରଣ ଓ ବଜାରରେ ଦର ନିର୍ଦ୍ଧାରଣ ଉପରେ ସମ୍ପୃକ୍ତ ବିଭାଗ ତଦାରଖ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବନ୍ୟା ପ୍ରଭାବିତ ବାଲେଶ୍ୱର ସଦରର ସ୍ଥିତି ସମୀକ୍ଷା କଲେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାଏକ

## ■କୁରାଡିହାଠାରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରର କଲେ ଉଦ୍‌ଘାଟନ
## ■ବନ୍ୟା ପ୍ରଭାବିତଙ୍କ ସହ ସିଧାସଳଖ ଆଲୋଚନା କଲେ ମନ୍ତ୍ରୀ, ସାଂସଦ ଓ ବିଧାୟକ

ବାଲେଶ୍ୱର, ୨୪/୮ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ଆଜି ପରିଦର୍ଶନ କରିଛନ୍ତି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାଏକ। ମନ୍ତ୍ରୀ ଶ୍ରୀ ନାଏକ ବନ୍ୟା ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ବନ୍ୟା ପରବର୍ତ୍ତୀ ସ୍ଥିତି, କ୍ଷୟକ୍ଷତି ଏବଂ ପ୍ରଶାସନ ପକ୍ଷରୁ ଚାଲିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ନାଏକ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛାନୁଆ ପଞ୍ଚାୟତର ଭଦ୍ରସିଆ, ଓଲନ୍ଦା-ସାରଗାଁ ପଞ୍ଚାୟତର ବଡ଼ଗୋବରା ଏବଂ କୁରାଡିହା ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ବନ୍ୟା ଯୋଗୁଁ ରାସ୍ତାଘାଟ, ଘରବାଡ଼ି, କୃଷି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ପଡ଼ିଥିବା ପ୍ରଭାବ ସମ୍ପର୍କରେ



ସ୍ଥାନୀୟ ଲୋକ ଓ ପ୍ରଶାସନିକ ଅଧିକାରୀଙ୍କଠାରୁ ସେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ କୁରାଡିହା ଠାରେ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରକୁ ମନ୍ତ୍ରୀ ଶ୍ରୀ ନାଏକ ଉଦ୍ ?ଘାଟନ କରିଥିଲେ। ଏହି ଶିବିର ମାଧ୍ୟମରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଆବଶ୍ୟକ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଏହି ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ଉପସ୍ଥିତ ରହି ବନ୍ୟା ପ୍ରଭାବିତ ଅଞ୍ଚଳର ସାମ୍ପ୍ରତିକ ସ୍ଥିତି ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଡିଓ, ସଦର ବିଡିଓ, ସଦର ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସେହିପରି ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଗୟାଧର ବେହେରାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ମଧ୍ୟ ପରିଦର୍ଶନରେ ସାମିଲ ହୋଇଥିଲେ। ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ, କ୍ଷୟକ୍ଷତିର ଯଥାଯଥ ଆକଳନ, କ୍ଷତିଗ୍ରସ୍ତ ଗ୍ରାମୀଣ ଭିତ୍ତିଭୂମିର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା, ସହାୟତା ଓ ପୁନରୁଦ୍ଧାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ରାଜ୍ୟ ସରକାର ତୃଣମୂଳସ୍ତରରେ ସ୍ଥିତିର ନିରନ୍ତର ଅନୁଧ୍ୟାନ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସେମାନଙ୍କ ଜୀବନଜୀବିକାକୁ ପୁନଃ ସ୍ୱାଭାବିକ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା। ପ୍ରଭାବିତ ଅଞ୍ଚଳର ଲୋକମାନେ ଯେପରି ଆବଶ୍ୟକ ସରକାରୀ ସହାୟତାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନକୁ ସମ୍ବେଦନଶୀଳତା ଓ ତତ୍ପରତାର ସହ କାର୍ଯ୍ୟ କରିବାକୁ କୁହାଯାଇଛି। କ୍ଷୟକ୍ଷତିର ଯଥାଯଥ ଆକଳନ ସହ କ୍ଷତିଗ୍ରସ୍ତ ଗ୍ରାମୀଣ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମିର ପୁନରୁଦ୍ଧାରକୁ ମଧ୍ୟ ଗୁରୁତ୍ୱ ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆନ୍ଦୋଳନକାରୀ ଅଟୋ ଡ୍ରାଇଭରଙ୍କ ...

ତେବେ ଘଟଣାସ୍ଥଳରୁ ଡ୍ରାଇଭର ନଥିବା ଗାଡ଼ିକୁ ପୋଲିସ ଜବତ କରି ଅନ୍ୟତ୍ର ନେଇଥିବାରୁ କେବଳ ଡ୍ରାଇଭର ନଥିବା ଦର୍ଶାଇ ଦାୟ ଏଡ଼ାଇବାର ସୁଯୋଗ ନଥିବା ଆରଟିଓ ଅଧିକାରୀ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ, ଯେଉଁ ଗାଡ଼ିଗୁଡ଼ିକର ବୈଧ ପରମିଟ୍ ରହିଛି ଏବଂ ସେମାନଙ୍କ ମାଲିକ ଆନ୍ଦୋଳନରେ ଭାଗ ନେଇଥିବା ନେଇ ପ୍ରମାଣ ମିଳିଛି, ସେମାନଙ୍କୁ ମଧ୍ୟ ସୋ' କଜ୍ ନୋଟିସ୍ ଦିଆଯାଇଛି। ନୋଟିସ୍‌ର ଉତ୍ତର ମିଳିବା ପରେ ସମସ୍ତ ତଥ୍ୟର ଯାଞ୍ଚ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଆରଟିଓ ପକ୍ଷରୁ କୁହାଯାଇଛି । ଫିଟନେସ୍ ନାହିଁ, ଚାଲାଣ ପେଣ୍ଡିଂ—ଆରସି ବାତିଲ୍; ଆନ୍ଦୋଳନରେ ସାମିଲ ହେଲେ ପରମିଟ୍ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ।

### ଲୋକଙ୍କ ସରକାର, ଲୋକଙ୍କ ସମସ୍ୟାର...

ଉଭୟ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଆଜି ୬୦୦ରୁ ଅଧିକ ଅଭିଯୋଗପତ୍ର ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆମ ସରକାର ହେଉଛି ଲୋକଙ୍କ ସରକାର । ଯେଉଁଠି ଲୋକଙ୍କ ସମସ୍ୟା ଅଛି, ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାଏ।" ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଲୋକଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇ ଆସୁଛି । ୨୦୨୪ର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ସହାୟତା ଦିଆଯାଇଥିବା ବେଳେ ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ୍ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି । ପୂର୍ବରୁ ରାଜ୍ୟସ୍ତରରେ ହୋଇଥିବା ୧୯ଟି ଅଭିଯୋଗ ଶୁଣାଣିରେ ମୋଟ ୧୫,୩୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୪,୫୧୯ଟି ଅର୍ଥାତ୍ ପ୍ରାୟ ୯୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇସାରିଛି । ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍‌ପିମାନେ ନିୟମିତ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ତହସିଲ ଓ ବ୍ଲକ୍ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ଜାରି ରହିଛି । ଜୁଲାଇ ଶେଷ ସୁଦ୍ଧା ଜିଲ୍ଲାସ୍ତରରେ ୨,୬୯,୩୯୪ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ପ୍ରତିଥର ଭଳି ଆଜି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଥମେ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଦୂରାରୋଗ୍ୟରେ ପୀଡ଼ିତ ୧୬ ଜଣଙ୍କ ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ମୋଟ ୧୪.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ।

### ଜେନ୍ ଜିଙ୍କୁ ଧୋକା ...

ଭାରତ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବେ କି ନାହିଁ, ସେନେଇ ଜାତୀୟ କାର୍ଯ୍ୟକାରିଣୀ କମିଟି ସନ୍ଦେହ ପ୍ରକାଶ କରିଛି। ଏଥିପାଇଁ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଯାଏ ଗୋଟିଏ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାର କରିବାକୁ ଡାକରା ଦିଆଯାଇଛି। ଏହି ଆନ୍ଦୋଳନର ନେତୃତ୍ୱ ପ୍ରାଣ ହରାଇଥିବା ନିଟ୍ ଆଶାୟୀଙ୍କ ପରିବାର ଲୋକ ଓ ଜୁଲାଇ ୨୦ ପୁଲିସ୍ ବର୍ବରତାର ସାମ୍ନା କରିଥିବା ଶିକ୍ଷାର୍ଥୀମାନେ ନେବେ।" ପରୀକ୍ଷାରେ ଅନିୟମିତତା ଓ ନିଟ୍ ୟୁଜି ପ୍ରଶ୍ନ ଲିକ୍ ଘଟଣାରେ ସିଜେପି ଜୁନ ୨୦ରୁ ଯନ୍ତରମନ୍ତରରେ ଆନ୍ଦୋଳନ ଆରମ୍ଭ କରିଥିଲା। ଧୀରେଧୀରେ ଏହା ପୂରା ଦେଶରେ ତୀବ୍ର ହୋଇଥିଲା। ଜୁଲାଇ ୨୦ରେ ସିଜେପି ନେତୃତ୍ୱରେ ବିକ୍ଷୋଭ ଶୋଭାଯାତ୍ରା ସଂସଦ ଅଭିଯୋଗ ଯାଉଥିବା ବେଳେ ପୁଲିସ୍ ଲାଠିଚାର୍ଜ କରିଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ

ନୀଳଗିରି, ୨୪/୮ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ମହାକାଶ ଦିବସ-୨୦୨୬ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଭାରତର ମହାକାଶ ଅନୁସନ୍ଧାନର ଉଲ୍ଲେଖନୀୟ ସଫଳତା ଏବଂ ବିକଶିତ ଭାରତ ରାଷ୍ଟ୍ର ଗଠନରେ ବୈଜ୍ଞାନିକ ନବସୃଜନର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଭାରତର ମହାକାଶ କ୍ଷେତ୍ରର ସଫଳତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଉପରେ ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି ଗବେଷଣା, ଶିକ୍ଷା ଓ ନିରନ୍ତର ବିକାଶରେ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନକାରୀ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ





ଜିଜ୍ଞାସା ବୃଦ୍ଧିକରି ଭାରତକୁ ବିଶ୍ୱ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିବାରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମହାକାଶ ପ୍ରୟୋଗ କେନ୍ଦ୍ରର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ପ୍ରମୋଦ କୁମାର ପରିଡ଼ା ଯୋଗଦେଇ, ଭାରତର ବିସ୍ତାରିତ ମହାକାଶ କାର୍ଯ୍ୟକ୍ରମ ସହ କୃଷି, ବିପର୍ଯ୍ୟୟ ପରିଚାଳନା, ପରିବେଶ ନିରୀକ୍ଷଣ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହାକାଶ ଗବେଷଣା ଓ ନବସୃଜନ କ୍ଷେତ୍ରରେ ଉପଲବ୍ଧ ସୁଯୋଗକୁ ସକ୍ରିୟ ଭାବେ ଗ୍ରହଣ କରିବାକୁ ସେ ଛାତ୍ର/ଛାତ୍ରୀଙ୍କୁ ପ୍ରେରିତ କରିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ରାଜୀବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଜାତୀୟ ମହାକାଶ ଦିବସ ଉପଲକ୍ଷେ ଭାରତର ମହାକାଶ ଯାତ୍ରା ଅଗ୍ରଗତିର ପ୍ରେରଣାଦାୟକ ମୁହୂର୍ତ୍ତଗୁଡ଼ିକୁ ନେଇ ଏକ ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବିଭିନ୍ନ ବିଷୟର ସମନ୍ୱିତ ଗବେଷଣାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରି କହିଥିଲେ ଯେ, ମହାକାଶ ବିଜ୍ଞାନ ଶିକ୍ଷାଗତ ଉତ୍କର୍ଷ ଓ ପ୍ରଯୁକ୍ତିଗତ ଅଗ୍ରଗତି ପାଇଁ ନୂତନ ଦିଗ ଉନ୍ମୋଚନ କରୁଛି।ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବାୟୁମଣ୍ଡଳ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ବିବେକାନନ୍ଦ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ।

## ପୋଖରୀରୁ ୬୫ ବର୍ଷୀୟଙ୍କ ମୃତଦେହ ଉଦ୍ଧାର

ଭଦ୍ରକ, ୨୪/୮ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମୁସ୍ତାଫାପୁର ପଂଚାୟତ ରାଘୁନାଥପୁର ଗ୍ରାମର ଏକ ପୋଖରୀରୁ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର କଂଗ୍ରେସ ଦାସ (୬୫)। ସୂଚନାନୁଯାୟୀ, କଂଗ୍ରେସ ରବିବାର ରାତିରେ ଖାଇସାରି ଘରେ ଶୋଇଥିଲେ। ତେବେ ସୋମବାର ସକାଳେ ତାଙ୍କ ମୃତଦେହ ଘର ନିକଟସ୍ଥ ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଖବର ପାଇ ଦମକଳ ବାହିନୀ ପହଂଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ପରେ ଧାମନଗର ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର କାରଣ ଜଣାପଡ଼ିନଥିବାବେଳେ ପୁଲିସ ତଦନ୍ତ ଚଳାଇଛି। ଏନେଇ ଆଜି ସୋଧ ରାଜସ୍ୱ ନିରୀକ୍ଷକ ଅଙ୍କିତ ସୋରେନ ପହଂଚି ତହସିଲଦାରଙ୍କୁ ରିପୋର୍ଟ କରିଛନ୍ତି। ତେବେ କଂଗ୍ରେସ୍ ଦାସ ମାନସିକ ରୋଗିଥିଲେ।

# ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର

ବାଲେଶ୍ୱର , ୨୪/୮ (ନି.ପ୍ର): ରକ୍ତ ଦାନ ଏକ ମହତଦାନ । ବୁନ୍ଦାଏ ରକ୍ତ ପାଇଁ ହସି ଉଠୁଥିବା ଜୀବନ ଲାଗି ରକ୍ତ ଦାନ କରିବା ନିହାତି ଦରକାର । ତୁମରି ରକ୍ତରେ କାହାର ଜୀବନ ବଞ୍ଚିଲେ, ସେ କର୍ମ ହେବ ତୁମର ଶ୍ରେଷ୍ଠ କର୍ମ । ଏହି ପରିପ୍ରେକ୍ଷୀରେ ଏହି ମହତ କାର୍ଯ୍ୟକୁ ରୂପରେଖ ଦେବା ଲାଗି ଆଜି ପ୍ରବଳ ବର୍ଷାରେ ପ୍ରତିକୂଳ ପାଗ ସତ୍ତ୍ୱେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା ଓ ସମ୍ପାଦିକା ସୁଲୋଚନା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପ୍ରାକ୍ତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ମିଳିତ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ. ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ,



ସମାଜସେବୀ ତଥା ଯୁବନେତା ବିକ୍ରମ ପଣ୍ଡା, ଆଇନଜୀବୀ ସାଇରୁଲ ହକ୍ ,ଆଶ୍ରିତା ତରେଇ, ପ୍ରତିମା ପଣ୍ଡା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ବନ୍ୟା ସମୟରେ ଜିଲ୍ଲା ରକ୍ତ କେନ୍ଦ୍ରରେ ରକ୍ତର ଘୋର ଅଭାବକୁ କେନ୍ଦ୍ର କରି କମିଟି ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଛି । ଏହା ସହିତ ଜିଲ୍ଲାରେ ଥାଲେସମିଆ ରୋଗରେ ଯେଭଳି କାହାରି ମୃତ୍ୟୁ ନ ହୁଏ ସେଥିପାଇଁ ଦୀର୍ଘ ବର୍ଷ ଧରି କମିଟି ପକ୍ଷରୁ ରକ୍ତଦାନ ଶିବିର ଆୟୋଜତି ହୋଇ ଆସୁଛି । ଶିବିରରୁ ମୂଲ୍ୟବାନ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତଦାନ ଅଭିଯାନ କ୍ଷେତ୍ରରେ ସହଯୋଗ ପାଇଁ ଏସୋସିଏଟ ପ୍ରୋଫେସର ଓମପ୍ରକାଶ ପଣ୍ଡା, ସ୍ୱେଚ୍ଛାସେବୀ ସୁଜିତ୍ କୁମାର ନାୟକ, ସମାଜସେବୀ ସୁଶାନ୍ତ ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଦସ୍ୟ ଅଜୟ ବେହେରା, ବିଶ୍ୱଜିତ ମୁଦୁଲି, ମୃତ୍ୟୁଞ୍ଜୟ ବେହେରା, ଚନ୍ଦନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ରକ୍ତଭଣ୍ଡାର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ଉପଦେଷ୍ଟା ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳମଣି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ତରଫରୁ ଆଲୋଚନା ଚକ୍ର ଆୟୋଜିତ




ରୂପ୍ସା, ୨୪/୮ (ନି.ପ୍ର): ନୀଳମଣି ମହାବିଦ୍ୟାଳୟର ଶକ୍ତିଶ୍ରୀ ସେଲ ତରଫରୁ ଆୟୋଜିତ 'ଆଇ. ପି. ସି, ପି.ଓ. ଏସ. ଏଚ ' ପି.ଓ. ସି. ଏସ. ଓ. 'ଆଇନ ଉପରେ ଆଧାରିତ ଏକ ଆଲୋଚନା ଚକ୍ର ଗତ ତା. ୨୧.୦୮.୨୦୨୬ ରିଖ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶକ୍ତିଶ୍ରୀ ସେଲର ସଂଯୋଜିକା ଡ଼ଃ ସୁଜାତା ରାଣୀ ଗିରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷା ଦିଗରେ ପ୍ରଣୟନ ହୋଇଥିବା ସରକାରଙ୍କର ବିଭିନ୍ନ ଆଇନ ବିଷୟରେ ପିଲାମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ରୁପ୍ସା ପୋଲିସ ଷ୍ଟେସନର ଏ. ଏସ. ଆଇ ଶ୍ରୀମତୀ ବବି ମିଶ୍ର ଯୋଗ ଦେଇ ସରକାରଙ୍କର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ସୁରକ୍ଷା ଓ ନିରାପତ୍ତା ସମ୍ବନ୍ଧିୟ ଆଇନ ବିଷୟରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଶକ୍ତିଶ୍ରୀ ସେଲ ତରଫରୁ ପୂର୍ବରୁ ଆୟୋଜିତ ହୋଇଥିବା ଆତ୍ମକୌଶଳ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ କୁନ୍ତଳାକୁମାରୀ ମହାବିଦ୍ୟାଳୟର ଅବସର ପ୍ରାପ୍ତ ମନସ୍ତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ପ୍ରଫେସର ପ୍ରଫୁଲ କୁମାର ସେଠି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ତରରୁ ସୁଦୃଢ ହେବା ପାଇଁ ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଶ୍ରୀମତୀ ଜିତାମଣୀ ଦାସ ଯୋଗଦେଇ ପ୍ରସଙ୍ଗ ଉପରେ ପିଲାମାନଙ୍କୁ ଉଦବୋଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି, ପ୍ରାଧ୍ୟପିକା କଳ୍ପନା ମଞ୍ଜରୀ ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅଧ୍ୟାପକ ଚନ୍ଦନ କୁମାର ଦାସ, ଅଧ୍ୟାପିକା ରୁବିରାଣୀ ଦାସ, ଅଧ୍ୟାପିକା ଡ଼ଃ ଅନ୍ନପୂର୍ଣ୍ଣା ରଣା ଯୋଗଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ଶକ୍ତିଶ୍ରୀ ସଂଯୋଜିକା ଡ଼ଃ ସୁଜାତା ରାଣୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଶକ୍ତିଶ୍ରୀ ସେଲର ସାଥି ଲିପିସ୍ମିତା ରାଜ ଓ ସମସ୍ତ ଫିମେଲ କ୍ଲାସ ରିପ୍ରେଜେଣ୍ଟେଟିଭ ତଥା +୩ ର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବିଶିଷ୍ଟ ସମାଜସେବୀଙ୍କ ତିରୋଧାନ

ଭଦ୍ରକ/ତିହିଡ଼ି, ୨୪/୮ (ନି.ପ୍ର): ଗୁଆମାଳ ଅଞ୍ଚଳର ବୟୋଜ୍ୟେଷ୍ଠ ସମାଜସେବୀ ତଥା ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗରେ କାର୍ଯ୍ୟରୁ ଅବସର ପ୍ରାପ୍ତ ଅଧିକାରୀ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କର ଗତକାଲି ଏକ ବେସରକାରୀ ଡାକ୍ତରଖାନା ରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା, ତାଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସେ ଗୁଆମାଳ ଅଂଚଳରେ ସରକାରୀ ହୋମିଓପାଥି ଚିକିତ୍ସାଳୟ, ମ୍ୟୁଜିକ ମହାବିଦ୍ୟାଳୟ, ଓଡ଼ିଶା ବ୍ରିଗେଡ୍ ସ୍କୁଲକୁ ବହୁମୂଲ୍ୟ ଜମିଦାନ ମଧ୍ୟ କରିଥିଲେ ଓ ବୀଣାପାଣି ସଂସ୍କୃତ ମହାବିଦ୍ୟାଳୟକୁ ମଧ୍ୟ ନିଜ ସ୍ୱର୍ଗତ ଧର୍ମପତ୍ନୀଙ୍କ ନାମରେ ମଧ୍ୟ ଏକ ଲାଇବ୍ରେରୀ ଦାନ କରିଥିଲେ ଏବଂ ସେ ସେ କିଛି ଗରିବ ଲୋକମାନଙ୍କୁ ମାସିକ ପେନ୍ସନ୍ ରୁ ମଧ୍ୟ ନିୟମିତ ଭାବେ ଦାନ କରୁଥିଲେ । ତାଙ୍କର ଏହି ନମନୀୟ ଗୁଣ ପାଇଁ ସେ ବିଭିନ୍ନ ଅନୁଷ୍ଠାନରୁ ମଧ୍ୟ ବହୁବାର ସମ୍ମାନିତ



ହୋଇଛନ୍ତି । ଗ୍ରାମବାସୀମାନେ ତାଙ୍କର ମର ଶରୀରକୁ ବିରାଟ ପଟୁଆର ସହିତ ଗ୍ରାମ ପରିକ୍ରମା କରାଉଥିଲେ । ତାଙ୍କର ଶବାଧାରରେ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକବ୍ୟକ୍ତ କରିଥିଲେ ତାଙ୍କର ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ରାଜନେତା, ଓକିଲ, ବୁଦ୍ଧିଜୀବୀ,ଗ୍ରାମବାସୀ ମାନେ ଉପସ୍ଥିତି ଥିଲେ ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ୪ପୁଅ ଓ ଦୁଇଝିଅ ଉପସ୍ଥିତ ଥିଲେ ବଡ଼ପୁଅ ସରକାରୀ ଆଇନଜିବି ଶ୍ରୀକାନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ ତାଙ୍କରି ସ୍ମୃତି ରକ୍ଷା ପାଇଁ ଓଡିଶା ବ୍ରିଗେଡ୍ ସୈନିକ ସ୍କୁଲ କୁ ଆଜି ଗୋଟିଏ ଦିନ ଛୁଟି କରାଯାଇଥିଲା ।

# ଜଳେଶ୍ୱର ବ୍ଲକ ବିଭିନ୍ନ ପଞ୍ଚାୟତରେ ବନ୍ୟା କ୍ଷୟକ୍ଷତିର ଅନୁଧ୍ୟାନ କଲେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ



ଜଳେଶ୍ୱର, ୨୪/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ପ୍ରୟରଙ୍କରି ବନ୍ୟାରେ ଜଳେଶ୍ୱର ବ୍ଲକର ୧୦ ଟି ପଞ୍ଚାୟତ ରେ କ୍ଷତି ହୋଇ ଥିବା ବେଳେ ପଶ୍ଚିମବାଡ, ବାଇଗଣ ବାଡିଆ ଓ ଝାଡପିମ୍ପଳ ପଞ୍ଚାୟତରେ ବନ୍ୟା ଯୋଗୁଁ ଅଧିକରୁ ଅଧିକ କ୍ଷୟକ୍ଷତି ହୋଇ ଥିବାରୁ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଛନ୍ତି ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାୟକ।ମିଳିଥିବା ସୂଚନା ଅନୁଯାୟୀ ଆଜି ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ,ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା,ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଉପ ଜିଲ୍ଲାପାଳ ଶିବ ମଲ୍ୟଭ,ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସହ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି, ଲୋକଙ୍କ ସମସ୍ୟା ଏବଂ ଭଙ୍ଗାରୁଜା ରାସ୍ତା ଓ ଚାଷ ଜମିର କ୍ଷୟକ୍ଷତି, ଘରଦ୍ୱାରର କ୍ଷୟକ୍ଷତି ସମ୍ପର୍କରେ ତଦାରଖ କରିବା ସହ ବନ୍ୟା ବିପନ୍ନଙ୍କୁ ଆବଶ୍ୟକୀୟ ରିଲିଫ୍ ଓ ସହାୟତା ଯୋଗାଇଦେବା ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ମଙ୍ଗଳବାର, ଅଗଷ୍ଟ ୨୫, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କ୍ରୀଡା ଶିକ୍ଷକଙ୍କ ମୃତ୍ୟୁରେ ସମବେଦନା ଜଣାଇଲେ ଧାବିକା ଦ୍ୟୁତି ଚାନ୍ଦ

ବାଲିଆପାଳ ୨୩.୮(ଆପ୍ର) ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପତ୍ରଝଡା ପଞ୍ଚାୟତର କୁସୁଡିହା ଗ୍ରାମ ର ୨୫ ବର୍ଷ ର ଯୁବକ ଖେଳ ଶିକ୍ଷକ ଭାବେ ସିମୁଳିଆ ଥାନା ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ରେ ଚଳିତ ଅଗଷ୍ଟ ମାସ ୧୫ ତାରିଖ ରେ ପତାକା ଉତ୍ତୋଳନ କରିବାକୁ ଯାଇ ବିଦ୍ୟୁତ ଆଘାତ ରେ ମୃତ୍ୟୁବରଣ କରିଥିଲେ.ଯାହାକୁ ନେଇ ଜିଲ୍ଲା ତଥା ସାରା ଓଡିଶା ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ଅନୁଯାଇ କୁସୁଡିହା ଗ୍ରାମ ର ଜ୍ଞାନେନ୍ଦ୍ର ବେହେରାଙ୍କ ୨୫ ବର୍ଷ ର ପୁତ୍ର ପ୍ରିୟବ୍ରତ ବେହେରା ଯାଜପୁର ରେ ବି ପି ଏଡ଼ ପାଠ ପଢା ସହିତ ମା ମାଲ୍ୟ ବୁଢ଼ୀ ସାମାଜିକ ସଂଗଠନ ସହିତ ଜଡିତ ଥିଲେ। ଏବଂ ପାଠ ପଢା ପରେ ସେ ସିମୁଳିଆ ଥାନା ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ରେ ଖେଳ ଶିକ୍ଷକ ଭାବେ ଚାକିରୀ କରିଥିଲେ। ହେଲେ ଚାଳିତ ମାସ ପନ୍ଦର ତାରିଖ ସ୍ୱାଧୀନତା ଦିବସ ରେ ପତାକା ଉତ୍ତୋଳନ କରିବାକୁ ଯାଇ ବିଦ୍ୟୁତ ଆଘାତ ରେ ମୃତ୍ୟୁ ବରଣ କରିଥିଲେ. ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଜି ଅପରାହ୍ନ ରେ ଓଡିଶା ର ଶ୍ରେଷ୍ଠ ଧାବିକା ତଥା ମା ମାଲ୍ୟ ବୁଢ଼ୀ ସାମାଜିକ ସଂଗଠନର ସଦଶ୍ୟା ଦ୍ୟୁତି ଚାନ୍ଦ ଏବଂ ତାଙ୍କର ସଦଶ୍ୟ ମାନେ କୁସୁଡିହା ଗ୍ରାମ ରେ ପହଂଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏବଂ ଉକ୍ତ ଗରିବ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି ।



## ନିଶାମାଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁମତୀ ସ୍ମୃତି ସଂସଦର ବାର୍ଷିକ ଉତ୍ସବ ପାଳିତ

ବାଲିଆପାଳ , ୨୪/୮ (ନି.ପ୍ର): ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରତାପପୁର ରେ 'ସୁମତୀ ସ୍ମୃତି ସଂସଦ ' ୩୭ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବ ରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରେବତୀ ଜେନା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ବିକର୍ତ୍ତନ ଜେନା, ଝଗଡ ସଭାପତି ମାନଗୋବିନ୍ଦ ପରିଡା ଏବଂ ଛାତ୍ର ଅଭିଭାବକ ବିରେନ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ପରୀକ୍ଷା



କରାଯାଇ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି 'ସୁମତି ସ୍ମୃତି ସଂସଦ 'ମାଧ୍ୟମରେ ସ୍ୱର୍ଗୀତା ସୁମତୀ ଦେବି ଙ୍କ ସ୍ୱାମୀ ଡା. ରବୀନ୍ଦ୍ର ନାଥ ହାଜିରା ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରବା ସହିତ ଉତ୍ସାହିତ କରିଆସୁଛନ୍ତି। ଏହି ଅବସରରେ କିଛି ବଦାନ୍ୟ ବ୍ୟକ୍ତି ଯଥା -ଶ୍ରୀଯୁକ୍ତ ଶମ୍ଭୁନାଥ ପାତ୍ର 'ସୀତା ରାସମଣୀ ମେମୋରିଆଲ 'ମାଧ୍ୟମରେ ଗତ ବୋର୍ଡ଼ ପରୀକ୍ଷା ରେ ଆମ ବିଦ୍ୟାଳୟ ର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶ୍ରୀମାନ ବିବେକାନନ୍ଦ ଦତ୍ତ ଙ୍କୁ ଏବଂ ତାଙ୍କର ପିତାମାତା ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା, ସ୍ୱର୍ଗତ ଗୁଣନିଧି ପାତ୍ର ଙ୍କର ଦୁଇ ପୁତ୍ର 'ସୁରେନ୍ଦ୍ର ନାଥ ପାତ୍ର ମେମୋରିଆଲ ' ମାଧ୍ୟମରେ ଗତ ବୋର୍ଡ଼ ପରୀକ୍ଷା ରେ ବିଜ୍ଞାନ, ଗଣିତ, ଇଂଲିଶ ଓ ହିନ୍ଦୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ, ଶ୍ରୀମତୀ ରେବତୀ ଜେନା 'ରାସମଣି ବରେନ୍ଦ୍ର ମେମୋରିଆଲ 'ମାଧ୍ୟମ ରେ ଆମର ବୋର୍ଡ଼ ପରୀକ୍ଷା ରେ ସାହିତ୍ୟ ଓ ସାମାଜିକ ବିଜ୍ଞାନ ରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ କମଳ ଲୋଚନ ପାଢ଼ୀ ଓ ଶିକ୍ଷୟିତ୍ରୀ ସୁମତୀ ଶୀ ଏବଂ ପ୍ରତିମା ଦାସ ପୁରସ୍କାର ବିତରଣ ରେ ସହଯୋଗ କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ସଂଯୁକ୍ତା ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ହରେକୃଷ୍ଣ ମାଝୀ, ଅନିଲ ଧଳ, ଶିକ୍ଷୟିତ୍ରୀ ମାମିନା ଦାସ, ମୌସୁମୀ ଦାସ, ଶୁଚିସ୍ମିତା ପରିଡା, ପ୍ରିୟଙ୍କା ଦେ ଶିକ୍ଷା କର୍ମଚାରୀ ଜୟନ୍ତୀ ପଣ୍ଡା ଏବଂ ଚିନ୍ମୟ ପ୍ରମାଣିକ ତଥା ଝଗଡ ର ସମସ୍ତ ସଦସ୍ୟ /ସଦସ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ।

## ନୀଳଗିରି ଅବକାରୀ ବିଭାଗର ଚଢାଉ: ୧୮୦ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ସହ ମହିଳା ଗିରଫ

ନୀଳଗିରି, ୨୪/୮ (ନି.ପ୍ର): ନୀଳଗିରୀ ଅବକାରୀ ବିଭାଗ ନୀଳଗିରି ଉପଖଣ୍ଡର ଦକ୍ଷିଣ ନରସିଂହପୁର ଗ୍ରାମରେ ଚଢାଉକରି ଜଣେ ମହିଳାଙ୍କ ନିକଟରୁ ୧୮୦ଗ୍ରାମ୍ ବ୍ରାଉନ ସୁଗାରର ଜବତ କରିବା ସହ ମହିଳାକୁ ଗିରଫ କରିଛନ୍ତି। ଗିରଫ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ମଲ୍ଲିକ ର ସ୍ତ୍ରୀ ମିନତି ମଲ୍ଲିକ୍ (୪୦) । ଏହି ଚଢାଉରେ ନୀଳଗିରି ଅବକାରୀ ବିଭାଗର ଓ.ଆଇ.ସି ଗଙ୍ଗାମଣି ହେମ୍ବ୍ରମ୍, ଏ.ଏସ.ଆଇ, ସୁଶାନ୍ତ ରାଉତ, ସନ୍ତୋଷ ବେହେରା, ତପନ୍ କୁମାର ମଲ୍ଲିକ ସାମିଲ ଥିଲେ। ଜବତ ବ୍ରାଉନ ସୁଗାର ଆନୁମାନିକ ମୂଲ୍ୟ ଅଠରଲକ୍ଷ ଟଙ୍କା ହେବବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।

## ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ପର୍ବ ଅନୁଷ୍ଠିତ

### ଦିଲିପ କୁମାର ପାତ୍ର ସଭାପତି, ସୁନିଲ କୁମାର ବୋଦେ ସମ୍ପାଦକ

ଉଦଳା , ୨୪/୮ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତା ନିର୍ବାଚନ ପର୍ବ ଚଳିତ ଅଗଷ୍ଟ ୨୩ ତାରିଖ ରବିବାର ଦିନ ବାରିପଦାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଅନୁଷ୍ଠିତ ସାଧାରଣ ସଭାରେ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଅଧ୍ୟକ୍ଷତା କରି ବିଗତ ଦିନରେ ସଂଘ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ କିପରି ପ୍ରଭାବ ପକାଇଛି ଏହାର ବିସ୍ତୃତ ଇତିହାସ ଉପସ୍ଥାପନ କରିଥିଲେ । ସେହିପରି ସଂଘର ସଂପାଦକ ବିମଳ କୁମାର ଆଚାର୍ଯ୍ୟ ସମଗ୍ର ଜିଲ୍ଲାରେ ପ୍ରାଥମିକ ଶିକ୍ଷକ ସଂଘ ଏକ ବଡ଼ ସଂଘ ହୋଇଥିବା ବେଳେ ଶୃଙ୍ଖଳା ପାଇଁ କିପରି ଏହାର ଏକ ସ୍ୱତନ୍ତ୍ର ପରିଚୟ



ରହିଛି ବ୍ୟକ୍ତ କରିଥିଲେ । ଏହାପରେ ସଂଘର କର୍ମକର୍ତା ମାନଙ୍କର କାର୍ଯ୍ୟକାଳ ସରିଯାଇଥିବାରୁ ନୂତନ କର୍ମକର୍ତା ନିର୍ବାଚନ ପର୍ବ ଆରମ୍ଭ ହୋଇଥିଲା । ଏଥିରେ ଦିଲିପ କୁମାର ପାତ୍ର ସଭାପତି, ରଂଜନ କୁମାର ବାରିକ କାର୍ଯ୍ୟକାରି ସଭାପତି, ଗାୟତ୍ରି ବେହେରା ଉପସଭାପତି, ସୁନିଲ କୁମାର ବୋଦେ ସାଧାରଣ ସଂପାଦକ, ଲଳିତ କୁମାର ବେହେରା, ଚନ୍ଦ୍ରବତି ମହାନ୍ତ ଓ ସବିତାରାଣି ବାଗ ସଂଗଠନ ସଂପାଦକ, କ୍ଷେତ୍ରମୋହନ ପ୍ରଧାନ, ଦେବବ୍ରତ ବାରିକ ଓ ମନୋଜ କୁମାର ବାରିକ ଜୋନାଲ ସଂପାଦକ, ପ୍ରଦିପ କୁମାର ଦେ କୋଷାଧକ୍ଷ, ଚନ୍ଦ୍ରମୋହନ ବେହେରା ସଂଯୋଜକ ଭାବରେ ସର୍ବସମ୍ମତିକ୍ରମେ ମନୋନିତ ହେଲେ । ଉକ୍ତ ନିର୍ବାଚନର ପର୍ଯ୍ୟବେକ୍ଷକ ଭାବରେ ଶମ୍ଭୁନାଥ ପାଣି, ଈଶ୍ୱରଚନ୍ଦ୍ର ବେହେରା ଓ ରାମକୃଷ୍ଣ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଶିବପ୍ରସାଦ ମହାପାତ୍ର ଓ ବଳରାମ ନାଥ ପରିଚାଳନା କରିଥିଲେ । ଶେଷରେ ବନମାଳି ନାୟକ ଧନ୍ୟବାଦ ଅର୍ପଣ ପୂର୍ବକ ନିର୍ବାଚନ ପର୍ବର ଯବନିକା ପକାଇଥିଲେ ।

## ପାଠପଢ଼ାରେ ଡ଼ୋରି ବାନ୍ଧିଲେ 'ଆଶା' ଓ 'ସୁକୁମାର'

ଉଦଳା , ୨୪/୮ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ବାସିନ୍ଦା ପବନା ଦେହୁରିଙ୍କ କନ୍ୟା 'ଆଶା' ଓ ଭିନ୍ଦର ନାଏକଙ୍କ ପୁତ୍ର 'ସୁକୁମାର' ଉଭୟେ ଚଳିତ ବର୍ଷ ମାଟ୍ରିକ ପାସ କରିଛନ୍ତି । କିନ୍ତୁ +୨ରେ ନାମ ଲେଖାଇ ପାରିନଥିବାର ଜଣାଇଛନ୍ତି । ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେମାନେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କହିଛନ୍ତି। ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦୁଇ ପରିବାରର ଅବିଭାବକ ମଧ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ସକ୍ଷମ ନୁହଁନ୍ତି ବୋଲି ଜଣାଇଛନ୍ତି । 'ଆଶା' ଓ 'ସୁକୁମାର'ଙ୍କୁ ବର୍ତମାନ ବୟସ ୧୫ ବର୍ଷ ଛୁଇଁଲା । ଏହି ପିଲାମାନଙ୍କର ପାଠପଢ଼ାର ବୟସ ଥିବାରୁ ସେମାନଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ବିଭାଗୀୟ କତୃପକ୍ଷ ଉଦ୍ୟମ କରିବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

## ବାଣପୁର ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା , ୨୪/୮ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସ ଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆଜିର ଏହି ଜନ ଶୁଣାଣି ଶିବିର ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ



କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଭମ୍ ମହାପାତ୍ର, ଆୟତ ପୁର, ବାଣପୁରଙ୍କୁ ପାଠ ପଢିବା ନିମନ୍ତେ ଜିଲ୍ଲା ରେଡ୍ କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲାପାଳ ଅନୁମୋଦନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସୁଚିତ୍ରା ରାଉତ, ମଙ୍ଗରାଜ ପୁର, ନନ୍ଦ ପୁର, ବାଣପୁରଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଏବଂ ନିରଞ୍ଜନ ସାହୁ,ସାହାସ ପୁର, ଭବାନୀ ପୁର, ବାଣପୁର ଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଅନୁଦାନ ରାଶି ଅନୁମୋଦନ କରିଥିଲେ। ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ,ବି ଡି ଓ, ବାଣପୁର , ପୁନମ୍ ମହାପାତ୍ର, ତହସିଲ ଦାର, ବାଣପୁର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ ଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୮୬ ତମ ଜୟନ୍ତୀ ପାଳିତ



ବାରିପଦା , ୨୪/୮ (ନି.ପ୍ର): ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତଃ ପ୍ରଶାନ୍ତ ମହାନ୍ତିଙ୍କ ୮୬ ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଜାଗରଣ ମଞ୍ଚ, ମୟୁରଭଞ୍ଜ କଲେଜ ଅଫ ଏକାଉଟେନ୍‌ସି ଏଣ୍ଡ ମେନେଜ ମେଣ୍ଟ ଏବଂ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମହାରାଜପୁର ସ୍ଥିତ ଏମସିଏଏମ କଲେଜ ପରିସରରେ ପାଳିତ ହୋଇ ଯାଇଛି। ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ଚନ୍ଦ୍ର ନାୟକ, ମୟୁରଭଞ୍ଜ କଲେଜ ଅଫ ଏକାଉଟେନ୍‌ସି ଏଣ୍ଡ ମେନେଜ ମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ, ସନ୍ଥ ବଇଦୁ ବାବା, କୀର୍ତ୍ତି କୌଶିକ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତି ଚାରଣ କରି ସନ୍ଥ ବିନୋବାଙ୍କର ଭୁଦାନ ଆନ୍ଦୋଳନରେ ପ୍ରଶାନ୍ତ ମହାନ୍ତିଙ୍କର ତ୍ୟାଗପୁତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ର ଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ।

## ଦିବ୍ୟାଙ୍ଗମାନଙ୍କ ଭତ୍ତା ବନ୍ଦ ନେଇ ଅସନ୍ତୋଷ: ତୁରନ୍ତ ଭତ୍ତା ପୁନଃ ପ୍ରଚଳନ ଦାବି, ନଚେତ ଆନ୍ଦୋଳନ ଚେତାବନୀ

ବସ୍ତା , ୨୪/୮ (ନି.ପ୍ର): ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତର ଶତାଧିକ ଦିବ୍ୟାଙ୍ଗ ହିତାଧିକାରୀଙ୍କ ମାସିକ ଭତ୍ତା ହଠାତ୍ ବନ୍ଦ ହୋଇଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ଆଜି କାଣ୍ଡଗାଁରେ ଯୁବ ସମାଜସେବୀ ଜ୍ୟୋତିର୍ମୟୀ ନନ୍ଦଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନେକ ଦିବ୍ୟାଙ୍ଗ ପରିବାର ଏହି ଭତ୍ତା ଟିକକ ଉପରେ ନିର୍ଭର କରି ଚଳୁଛନ୍ତି, କିନ୍ତୁ ଏଭଳି ବର୍ଷା ବନ୍ୟା ଭଳି ଦୁର୍ଦ୍ଦିନ ସମୟରେ ସରକାର ପୁନଃ ପଞ୍ଜିକରଣ ନାମରେ ହଠାତ ଭତ୍ତା ବନ୍ଦ କରି ଦେବାରୁ ସେମାନେ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସରକାର ସବକା ସାଥ ସବକା ବିକାଶ କଥା କହୁଥିବା ବେଳେ, କିନ୍ତୁ ବସ୍ତାର ସବୁଠୁ ଅସହାୟ ଦିବ୍ୟାଙ୍ଗମାନଙ୍କ ଭତ୍ତା ବନ୍ଦ କରି ଦିଆଯାଇଛି। ଏହା ଅତ୍ୟନ୍ତ ଦୁଃଖଦ ଓ ଅମାନବୀୟ ।ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ଦିବ୍ୟାଙ୍ଗଙ୍କ ବନ୍ଦ ଭତ୍ତା ପୁନଃ ପ୍ରଚଳନ କରାଯାଉ ।ବ୍ଲକରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଖୋଲାଯାଉ। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆସନ୍ତା ୩୧ତାରିଖ ବସ୍ତା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗମାନଙ୍କୁ ସାଥିରେ ନେଇ ଧାରଣା ଓ ବିକ୍ଷୋଭ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ସମାଜସେବୀ ବିଶ୍ୱଜିତ ଧଳ,ଜୟନ୍ତ ସେନାପତି, ରଞ୍ଜନ କୁମାର ଦାସ,ବୀରେନ୍ଦ୍ରେ ଟୁଡୁ,ସୁଦାମ ବାରିକଙ୍କ ସହ ଅଞ୍ଚଳର ଅନେକ ଦିବ୍ୟାଙ୍ଗ ଓ ସ୍ଥାନୀୟ ଯୁବକ ଉପସ୍ଥିତ ଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆର୍ବିଭାବ : ୪.୪.୧୯୫୫

ତିରୋଧାନ : ୧୫.୮.୨୦୨୬

ଁ ମଧୁସୂଦନ ଦାସ (ଗଦା ବାବୁ)

ବାସୁଦେବପୁର, ଭଦ୍ରକ,ଓଡ଼ିଶା

ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଛନ୍ତି। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଇତି ଆପଣଙ୍କ ଅପେକ୍ଷାରେ ହତଭାଗ୍ୟ ଭ୍ରାତା ଅମରେନ୍ଦ୍ର ଦାସ, ଅକ୍ଷୟ କୁମାର ଦାସ, ଗଣେଶ ପ୍ରସାଦ ଦାସ, ଧର୍ମପତ୍ନୀ ଜ୍ୟୋସ୍ନାମୟୀ, ଶୋକ ସନ୍ତପ୍ତ ପୁତ୍ର ଓ କନ୍ୟା ବ୍ରଜ, ନିହାର,ସୌମ୍ୟ, ପପୁ, ସନ୍ଧ୍ୟା ଓ ଦାସ ପରିବାର ବର୍ଗ ।

## ଭୋଟର ତାଲିକାରୁ ବାଦ ଦେବାକୁ ନେଇ ବିଦ୍ୟାଳୟ ଭିତରେ ତୁମୁଳକାଣ୍ଡ

ବାଲିଆପାଳ , ୨୪/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତ ରେ ଥିବା ଭାନପୁର ସରକାରୀ ଉପ୍ରା ବିଦ୍ୟାଳୟ ରେ ଭୋଟର ତାଲିକା ରୁ ବାଦ ଦେବାକୁ ନେଇ ବିଦ୍ୟାଳୟ ଭିତରେ ତୁମୁଳକାଣ୍ଡ ଦେଖିବାକୁ ମିଳିଛି । ରାଜନୈତିକ ଆକ୍ରୋଶ ରଖି ଶତାଧିକ ଭୋଟର ଙ୍କୁ ଭୋଟର ଲିଷ୍ଟ ରୁ ବାଦ ଦେବାକୁ ମସୁଧା କରିଥିବା ନେଇ ବିଏଲ ଓ ସୁଶାନ୍ତ କୁମାର ପ୍ରଧାନ ଙ୍କୁ ବିଦ୍ୟାଳୟ ଭିତରେ ଘେରିଲେ ଗ୍ରାମ୍ବାସୀ । ସୂଚନା ଅନୁସାରେ ସରକାର ଦେଶ ରେ ସ୍ୱତନ୍ତ୍ର ସଂଲଗ୍ନ ସଂଶୋଧନ କରି ଦେଶ ରେ ଲୁଚି ରହିଥିବା ବିଦେଶୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ସ୍କୁଲ ର ଶିକ୍ଷକ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି ରହିଛି । ତେବେ ଏହି କାର୍ଯ୍ୟକ୍ରମର ଶେଷ ଅବସରରେ, ଯେଉଁ ଭୋଟର ମାନେ ସେମାନଙ୍କ ର ସମ୍ପୂର୍ଣ୍ଣ ତଥ୍ୟ ବି ଏଲ ଓ ମାନଙ୍କୁ ଦେଇ ପାରି ନ ଥିଲେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ଏକ ନିର୍ଦ୍ଦିଷ୍ଟ ତାରିଖ ରେ ଅଧିକାରୀ ମାନଙ୍କ ଉପସ୍ଥିତ ରେ ସମସ୍ତ ଯାଞ୍ଚ ପ୍ରକ୍ରିୟା କରାଯାଇଛି. ଏହା ସତ୍ତ୍ୱେ ପଞ୍ଚାୟତ ମାନଙ୍କ ରେ ରାଜନୈତିକ ଆକ୍ରୋଶ ନେଇ ଜାଲ ଦସ୍ତଖତରେ ୭ନମ୍ବର ଫର୍ମରେ ଦରଖାସ୍ତ କରି ଅନେକ ଭୋଟର ଙ୍କୁ ତାଲିକା ରୁ ବାଦ ଦେବାକୁ ନେଇ ଅପଚେଷ୍ଟା ଚାଲିଥିବା ନେଇ ଗ୍ରାମର ସୁରଥ ନାୟକ, ରବୀନ୍ଦ୍ର ପାଣିଗ୍ରାହୀ, ଉମାକାନ୍ତ ଜେନା, ଚିତ୍ତରଞ୍ଜନ ଜେନା, ଅଜୟ ଜେନା, ସୃଷ୍ଟିଧର ବାରିକ, ଅଜୟ ସେଠି, କମଳଲୋଚନ କମିଳା, ଲମ୍ବୁଦର ପ୍ରଧାନ,ସଞ୍ଜୟ ସେଠି, ମୀନକେତନ ସେଠି, ବଳରାମ କାମିଳା, ଉମାକାନ୍ତ ଜେନା, ବାଞ୍ଛାନିଧି ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ନେଇ ବିଏଲ ଓ ଙ୍କ କୈଣସି ପ୍ରତିକ୍ରିୟା ମିଳିପାରିନାହିଁ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida